୧୪-୨୦ ଡିସେମ୍ବର, ୨୦୨୫

ରବିବାର

ସକାଳ
THE SAKALA

# ସିନ୍ଦୂର



- ଆକର୍ଷଣୀୟ ତଳମାଳି
- ମନଲୋଭା ବାଦୁଡ଼ି ପାହାଡ଼
- ସୌନ୍ଦର୍ଯ୍ୟମୟୀ ଡମ୍ବୁରୁଗଡ଼ ଜଳପ୍ରପାତ
- ପ୍ରକୃତିର ଭୂସ୍ୱର୍ଗ ଡେବ୍ରିଗଡ଼



## ଅପରୂପା ପ୍ରକୃତି



ସୁନ୍ଦର ପ୍ରକୃତି ହେଉଛି ଜୀବଜଗତ ପ୍ରତି ଈଶ୍ୱରଙ୍କ ଅମୂଲ୍ୟ ବରଦାନ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏକ ରାଜ୍ୟ ଓଡ଼ିଶା । ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରେ ରହିଛି ଅନେକ ମନୋରମ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ । ଆମ ରାଜ୍ୟରେ ଥିବା ଛୋଟ ବଡ଼ ପାହାଡ଼, ପର୍ବତ, ସବୁଜ ଅରଣ୍ୟ, ନଦୀ, ଝରଣା, ଜଳପ୍ରପାତର ଅପରୂପ ଶୋଭା ସର୍ବଦା କବି, ଲେଖକ, ଭାବୁକ, ପ୍ରକୃତିପ୍ରେମୀ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଆସିଛି । ଏଭଳି ମନୋରମ ପ୍ରାକୃତିକ ପରିବେଶରେ ନିରୋଳାରେ କିଛି କ୍ଷଣ ଅତିବାହିତ କଲେ ମଣିଷ ଜୀବନର ସବୁ ଦୁଃଖ, ଅବସାଦକୁ ଭୁଲି ଯାଏ । ଧୀରେ ଧୀରେ ଓଡ଼ିଶାର ପର୍ଯ୍ୟଟନ ପୀଠଗୁଡ଼ିକର ବିକାଶ ହେବାରେ ଲାଗିଛି । ଫଳରେ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପ ସମୃଦ୍ଧ ହେବା ସହ ସ୍ଥାନୀୟ ଅଞ୍ଚଳର ଆର୍ଥିକ ଉନ୍ନତି ହୋଇପାରୁଛି । ବର୍ତ୍ତମାନ ପ୍ରକୃତି ପର୍ଯ୍ୟଟନ ବା ଇକୋ ଟୁରିଜିମ୍ ପର୍ଯ୍ୟଟକମାନଙ୍କୁ ଅଧିକ ଆକୃଷ୍ଟ କରୁଛି । ସରକାରୀ ଓ ବେସରକାରୀସ୍ତରରେ ଇକୋ ଟୁରିଜିମ୍ ଅଞ୍ଚଳରେ ଟେଣ୍ଟ ହାଉସ୍, କଟେଜ୍, ନେଚର୍ କ୍ୟାମ୍ପର ବ୍ୟବସ୍ଥା କରାଯାଉଛି । ରହିବା, ଖାଇବା ସହିତ ମନୋରଞ୍ଜନର ମଧ୍ୟ ସୁବ୍ୟବସ୍ଥା କରାଯାଉଛି । ଯାହା ପର୍ଯ୍ୟଟକମାନଙ୍କୁ ଅଧିକ ଆକର୍ଷିତ କରୁଛି । ନିରୋଳା ରାତିରେ ପ୍ରକୃତିକୁ ଉପଭୋଗ କରିବାର ସୁଯୋଗକୁ ହାତ ଛଡ଼ା କରିବାକୁ ଚାହୁଁନାହାନ୍ତି ପର୍ଯ୍ୟଟକମାନେ । ଅବସର ସମୟରେ ପ୍ରକୃତିର କୋଳରେ କିଛି ସମୟ ଅତିବାହିତ କରିବା ପାଇଁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଧାଇଁ ଆସୁଛନ୍ତି ଓଡ଼ିଶା ମାଟିକୁ । ଏହି ପରିପ୍ରେକ୍ଷୀରେ ଓଡ଼ିଶାର କେତେକ ମନୋରମ ପ୍ରାକୃତିକ ପର୍ଯ୍ୟଟନ ପୀଠକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ଅପରୂପା ପ୍ରକୃତି**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମ, ମଙ୍ଗଳବାରରେ କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ । ବୁଧ, ଗୁରୁବାରରେ ଅର୍ଥପ୍ରାପ୍ତିର ଯୋଗ ରହିଛି । ପଡ଼ୋଶୀଙ୍କ ସହଯୋଗ ମିଳିବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ବିଭିନ୍ନ ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି । ପରିବାର ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି ।

**ବୃଷ**
ରବି, ସୋମ, ମଙ୍ଗଳବାରରେ ପାରିବାରିକ ସମ୍ପର୍କରେ ଦେଖାଦେଉଥିବା ମନୋମାଳିନ୍ୟ ଭିନ୍ନ ମୋଡ଼ ନେଇପାରେ । ବୁଧ, ଗୁରୁବାରରେ ବ୍ୟବସାୟକୁ ନେଇ ଚିନ୍ତିତ ରହିପାରନ୍ତି । ଦ୍ୱନ୍ଦ୍ୱରେ ପଡ଼ି ନିଷ୍ପତ୍ତି ନେଇ ପାରନ୍ତି । ଶୁକ୍ର, ଶନିବାରରେ ଧାର୍ମିକ କାର୍ଯ୍ୟରେ ଭାଗନେବେ ।

**ମିଥୁନ**
ରବି, ସୋମ, ମଙ୍ଗଳବାରରେ ଦୀର୍ଘଦିନର ସ୍ୱପ୍ନ ବାସ୍ତବ ରୂପ ନେବ । ନୂତନ ଭୂସଂପତ୍ତିର ଅଧିକାରୀ ହେବେ । ବୁଧ, ଗୁରୁବାରରେ ପଡ଼ୋଶୀମାନଙ୍କ ସହଯୋଗ ପାଇବେ । ଶୁକ୍ର, ଶନିବାରରେ ପରିବାର ସଦସ୍ୟଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବେ । ଦାମ୍ପତ୍ୟ ଜୀବନରେ ମତଭେଦ ଦେଖାଦେବ ।

**କର୍କଟ**
ରବି, ସୋମ, ମଙ୍ଗଳବାରରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂରା ହୋଇପାରେ । ବୁଧ, ଗୁରୁବାରରେ ସନ୍ତାନମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପ୍ରଚେଷ୍ଟା ଜାରି ରଖିବେ । ବ୍ୟବସାୟରେ ହାନି ହୋଇପାରେ । ଶୁକ୍ର, ଶନିବାରରେ ଧାର୍ମିକ ଚିନ୍ତାଧାରାରେ ପରିବାରରେ ଏକତା ବଢ଼ିବ ।

**ସିଂହ**
ରବି, ସୋମ, ମଙ୍ଗଳବାରରେ ଜୀବନରେ କିଛି କଠିନ ପରିସ୍ଥିତିରେ ସମ୍ମୁଖୀନ ହେବାକୁ ପଡ଼ିପାରେ । ବୁଧ, ଗୁରୁବାରରେ ଅଟକି ରହିଥିବା କାର୍ଯ୍ୟ ନିଜ ଲୋକଙ୍କ ସହଯୋଗରେ ପୂର୍ଣ୍ଣ ହେବ । ଶୁକ୍ର, ଶନିବାରରେ ଅଯଥା ଚିନ୍ତା ନ କରି ନିଜ ଲକ୍ଷ୍ୟରେ ଧ୍ୟାନ କେନ୍ଦ୍ରିତ କରନ୍ତୁ ।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ କୌଣସି କଥାକୁ ନେଇ ଚିନ୍ତିତ ହୋଇପାରନ୍ତି । କୌଣସି ଭୁଲ୍ ନିଷ୍ପତ୍ତି ପାଇଁ କଷ୍ଟ ପାଇପାରନ୍ତି । ବୁଧ, ଗୁରୁବାରରେ ବନ୍ଧୁବାନ୍ଧବଙ୍କ ସହ ଅଧିକ ସମୟ କଟାଇବେ । ଶୁକ୍ର, ଶନିବାରରେ ପରିବାରଠାରୁ ସହଯୋଗ ପାଇବେ ।

**ତୁଳା**
ରବି, ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ବ୍ୟସ୍ତତା ମଧ୍ୟରେ ରହିବେ । ସମାଜରେ ମାନସମ୍ମାନର ଅଧିକାରୀ ହେବେ । ବୁଧ, ଗୁରୁବାରେ ଆର୍ଥିକ କ୍ଷେତ୍ରରେ ଉନ୍ନତି କରିବେ । ବନ୍ଧୁବାନ୍ଧବଙ୍କ ସହଯୋଗ ପାଇବେ । ଶୁକ୍ର, ଶନିବାରରେ ମହିଳାମାନେ ସ୍ୱାବଲମ୍ବୀ ହେବେ । ଉଚ୍ଚଆଶା ପୂରଣ ହେବେ ।

**ବିଛା**
ରବି, ସୋମ, ମଙ୍ଗଳବାରରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ପୂର୍ଣ୍ଣ ସହଯୋଗ ପାଇବେ । କ୍ୟାରିୟର ସମ୍ବନ୍ଧରେ ବିଦେଶ ଯାତ୍ରା କରିପାରନ୍ତି । ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ । ମହିଳାମାନେ ସ୍ୱାବଲମ୍ବୀ ହେବେ । ଶୁକ୍ର, ଶନିବାରରେ ସାହିତ୍ୟ ଓ କଳା ପ୍ରତି ଆଗ୍ରହ ଦେଖାଇବେ ।

**ଧନୁ**
ରବି, ସୋମ, ମଙ୍ଗଳବାରରେ ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ । ସମସ୍ୟାର ସମାଧାନ ବାଟ ପାଇବେ । ବୁଧ, ଗୁରୁବାରରେ ପଡ଼ୋଶୀଙ୍କ ସହ ସମ୍ପର୍କରେ ଭିନ୍ନ ମୋଡ଼ ଦେଖାଦେବ । ଶୁକ୍ର, ଶନିବାରରେ ତରବରିଆ ଭାବରେ କୌଣସି ନିଷ୍ପତ୍ତି ନଅନ୍ତୁ ନାହିଁ । ଗୁରୁଜନଙ୍କ ପରାମର୍ଶ ପାଇ ଆଗକୁ ବଢ଼ିବେ ।

**ମକର**
ରବି, ସୋମ, ମଙ୍ଗଳବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ବାଦବିବାଦରୁ ଦୂରେଇ ରୁହନ୍ତୁ । ବୁଧ, ଗୁରୁବାରେ ଜୀବନସାଥୀଙ୍କ ସଂପୂର୍ଣ୍ଣ ସହଯୋଗ ପାଇବେ । ପରିବାରରେ ଶୁଭକାର୍ଯ୍ୟ ସଂପାଦନ ହୋଇପାରେ । ଶୁକ୍ର, ଶନିବାରରେ କାର୍ଯ୍ୟକ୍ଷେତ୍ରରେ ନିଜ ପ୍ରତିଭାର ପ୍ରଦର୍ଶନ କରିପାରିବେ ।


**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ କୌଣସି ଶୁଭ ସମାଚାର ପାଇପାରନ୍ତି । କର୍ମକ୍ଷେତ୍ରରେ କିଛି ନୂତନ ପରିବର୍ତ୍ତନ ଆସିବ । ବୁଧ, ଗୁରୁବାରରେ ନିଜ ବିଚାରଧାରାରେ ପରିବର୍ତ୍ତନ ଆଣିବେ । ଶୁକ୍ର, ଶନିବାରରେ ନିଜ ଉତ୍ତମ ବ୍ୟବହାରରେ ସମସ୍ତଙ୍କ ପ୍ରିୟଭାଜନ ହେବେ ।

**ମୀନ**
ରବି, ସୋମ, ମଙ୍ଗଳବାରରେ ସମସ୍ୟାଗୁଡ଼ିକର ସମାଧାନ ରାସ୍ତା ପାଇବେ । ଦୀର୍ଘଦିନର ଆଶା ପୂରଣ ହେବ । ବୁଧ, ଗୁରୁବାରରେ ପଦୋନ୍ନତିର ଯୋଗ ରହିଛି । କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ନେଇପାରନ୍ତି । ଶୁକ୍ର, ଶନିବାରରେ ଦରକାରୀ କାଗଜପତ୍ରକୁ ସତର୍କତା ସହ ରଖନ୍ତୁ ।

# ଆକର୍ଷଣୀୟ ତଳମାଳିର ସୌନ୍ଦର୍ଯ୍ୟ

ସି.ଏଚ୍. କୂର୍ମା ରାଓ, ସେମିଳିଗୁଡ଼ା

**କୋରାପୁଟ ଜିଲ୍ଲାର ଦେଓମାଳି ପରେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ତଳମାଳି ପାହାଡ଼ । ଏବେଠୁ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବା ଆରମ୍ଭ ହେଲାଣି । ଶୀତ ଋତୁରେ ଜିଲ୍ଲା ଏବଂ ରାଜ୍ୟ ବାହାରୁ ତଳମାଳିରେ ବହୁ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ । ଚଳିତ ବର୍ଷ ମଧ୍ୟ ପର୍ଯ୍ୟଟକଙ୍କ ଅଧିକ ଭିଡ଼ ହେବାର ସମ୍ଭାବନା ରହିଛି । ତଳମାଳି ଯିବାକୁ ହେଲେ ସେମିଳିଗୁଡ଼ା ବ୍ଲକ୍ ସଦରରେ ପହଞ୍ଚି, ସେଠାରୁ ବୁଧାରୀ ପଞ୍ଚାୟତର ଘାଟିରାସ୍ତା ଦେଇ ପେଣ୍ଡାନାମ, ପୁଣି ସେଠାରୁ ଘାଟି ରାସ୍ତା ଦେଇ କ୍ରମଳି ପାହାଡ଼ ପାଦ ଦେଶରେ ପହଞ୍ଚିବାକୁ ପଡ଼ିଥାଏ । ଏହା ଦେଓମାଳି ଭଳି ପ୍ରତୀୟମାନ ହେଉଥିଲେ ମଧ୍ୟ ଏହାର ସୌନ୍ଦର୍ଯ୍ୟ ନିଆରା ।**



## ପର୍ଯ୍ୟଟକଙ୍କ ଆକର୍ଷଣ ତଳମାଳି



ତଳମାଳି ପାହାଡ଼ରେ ବିରାଟ ସମତଳ ଅଞ୍ଚଳ ରହିଛି । ଘାସରେ ପରିପୂର୍ଣ୍ଣ ଓ ଚାରିପଟେ ଜଙ୍ଗଲ । ଏହାର ଚଟାଣରେ ପଥର କମ୍ ଏବଂ ବର୍ଷସାରା ସବୁ ଋତୁରେ ଘାସ ଥାଏ । ଏହି ବିରାଟ ଘାସ ଗାଳିଚା ପ୍ରକୃତିର ଅବଦାନ ବୋଲି କୁହାଯାଏ । ରକ୍ତ ପାହାଡ଼ ଉପରେ ଏକ ଛୋଟିଆ ପୋଖରୀ ତୁଲ୍ୟ ଜଳରସ ରହିଛି । ଯାହାକି ତାହାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି । ପର୍ଯ୍ୟଟନ ବିଭାଗ ପକ୍ଷରୁ ଲୌହନିର୍ମିତ ତୋରଣ ଓ ଭ୍ୟୁଉ ପଏଣ୍ଟ ନିର୍ମାଣ କରାଯାଇଛି । ରକ୍ତ ପାହାଡ଼ ପ୍ରବେଶ ପଥରେ ଅତି ସୁନ୍ଦର ଦୁଇ ପଟେ ଆଦିବାସୀ




ସଂସ୍କୃତିର ଝଲକ ଦେଖିବାକୁ ମିଳିଥାଏ । ଆଦିବାସୀ ଲୋକ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇଥିବାର କଳା ବଣରେ ସ୍ଥାପନ କରାଯାଇଛି । ପାହାଡ଼ର ପାଦଦେଶର ଉଚ୍ଚସ୍ଥାନରେ ତଳମାଳି ବୋଲି ଲେଖାଯାଇଛି । ଯାହାକି ଏକ ବିରାଟ ସେଲ୍‌ଫି ପଏଣ୍ଟ । ଏହି ଘାସ ଗାଳିଚାର ଚାରି ପାର୍ଶ୍ୱରେ ରାଜକୀୟ ଲୌହ ତୋରଣ ସ୍ଥାପନ କରଯାଇଛି । ପର୍ଯ୍ୟଟକମାନେ ଏଠି ବସି ପାହାଡ଼ ତଳର ଦୃଶ୍ୟ ଉପଭୋଗ କରିଥାନ୍ତି । ଏଠାରେ ପାଗ ସବୁବେଳେ ଭିନ୍ନ ରୁହେ ।

## ଝରଣାର କୁଳୁକୁଳ ନାଦ ମନରେ ଖେଳାଏ ଆନନ୍ଦ

ପାହାଡ଼ ପାଦଦେଶରେ ବହୁତଗୁଡ଼ିଏ ଝରଣା ରହିଛି । ତାହାର ପାଣି କୁଳୁକୁଳୁ ହୋଇ ଛୋଟ ଧାରରେ ତଳକୁ ବହି ଯାଉଛି । ଝରଣାର କୁଳୁକୁଳ ନାଦ ପର୍ଯ୍ୟଟକ ମନରେ ଅପୂର୍ବ ଆନନ୍ଦର ଲହରୀ ଖେଳାଇଥାଏ । ତଳମାଳିକୁ ଆସୁଥିବା ପର୍ଯ୍ୟଟକ ଏହାର ଆଖପାଖ ଅଞ୍ଚଳରେ ଥିବା ପେଣ୍ଡାକାମ, ପୁଟସିଲ, ହାତୀମୁଣ୍ଡା, ପାଟଯୋଡ଼ିପଦର, ମାଟିଆସୁମଣ୍ଡି, ଟାକୁବେଡ଼ି ଆଦି ପର୍ଯ୍ୟଟନସ୍ଥଳୀର ମଜା ନେଇଥାନ୍ତି । କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକ୍‌ର ଉପରକାଣ୍ଟି ଏବଂ କୋରାପୁଟ ବ୍ଲକ୍‌ର ଡୁମୁରିପଦର ମଧ୍ୟ ଭାଗରେ ରହିଛି ତଳମାଳି । ଏଠାରେ ପର୍ଯ୍ୟଟକମାନଙ୍କ ରହିବା, ଖାଇବାର ବ୍ୟବସ୍ଥା ମଧ୍ୟ ରହିଛି । ତଳମାଳିର ସୌନ୍ଦର୍ଯ୍ୟରେ ବିଭୋର ହୋଇ ଦିନକୁ ଦିନ ଅଧିକ ସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆସିବାରେ ଲାଗିଛି ।





## ସିନେମା ସୁଟିଂ ଉପଯୁକ୍ତ ସ୍ଥାନ

ତଳମାଳି ପାହାଡ଼ର ସୌନ୍ଦର୍ଯ୍ୟ କେବଳ ପର୍ଯ୍ୟଟକମାନଙ୍କୁ ନୁହେଁ, ସିନେ ନିର୍ମାତା ଓ ନିର୍ଦ୍ଦେଶକମାନଙ୍କୁ ମଧ୍ୟ ଆକୃଷ୍ଟ କରିଛି । ସେଥିପାଇଁ ଏଭଳି ଏକ ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ସେମାନେ ଫିଲ୍ମ ସୁଟିଂ କରିବାର ସୁଯୋଗକୁ ହାତ ଛଡ଼ା କରୁନାହାନ୍ତି । ଅତୀତରେ ଅନେକ ଫିଲ୍ମ ଏହି ଅଞ୍ଚଳରେ ସୁଟିଂ ହୋଇଛି । କମ୍ରେଡ କଲ୍ୟାଣ, ପୁଷ୍ପା-୨, ଘାଟି, ଏସ୍.ଏସ୍ ଏମ୍‌ବି-୨୯ ଭଳି ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ସୁଟିଂ ତଳମାଳି ପର୍ଯ୍ୟଟନସ୍ଥଳୀରେ ହୋଇଥିଲା । ଜିଲ୍ଲାର ପ୍ରାକୃତିକ ବିଭବ ଓ ସୌନ୍ଦର୍ଯ୍ୟ ଦେଶ ତଥା ଦେଶ ବାହାରର ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରୁଛି । ଏହାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଠାରେ ପାନ୍ଥଶାଳା ନିର୍ମାଣ ଓ ସୁନ୍ଦର ପାର୍କ ତିଆରି କରିବାର ଆବଶ୍ୟକତା ରହିଛି । ଫଳରେ ଆହୁରି ଅଧିକ ପର୍ଯ୍ୟଟକ ଆକୃଷ୍ଟ ହୋଇ ତଳମାଳିକୁ ଆସନ୍ତେ । ଏହାଦ୍ୱାରା ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ବୁଦ୍ଧିଜୀବୀମାନେ କହନ୍ତି ।

**ପ୍ରାକୃତିକ ସୌନ୍ଦର୍ଯ୍ୟ ବଣପାହାଡ଼ ଘେରା ଆଦିବାସୀ ସଂସ୍କୃତି ଓ ଅତି ସରଳ ଜୀବନ ଯାପନ କରୁଥିବା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ୍ ଅନ୍ତର୍ଗତ ଗୁପ୍ତେଶ୍ୱର ପଞ୍ଚାୟତ । ଏହି ଗୁପ୍ତେଶ୍ୱର ପଞ୍ଚାୟତରେ ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ ରହିଛି । ଗୁପ୍ତେଶ୍ୱର, ଶିରିବେଡ଼ା, ଘୋଟଘାଟ, ବାଦୁଡ଼ି ପାହାଡ଼ ଆଦି ରହିଛି । ତେବେ ବାଦୁଡ଼ି ପାହାଡ଼ର ସୌନ୍ଦର୍ଯ୍ୟ ଅନନ୍ୟ । ଅନ୍ୟ ପର୍ଯ୍ୟଟନ ପୀଠରୁ ବେଶ୍ ପାରି ହୋଇପଡ଼େ ଏହି ପାହାଡ଼ର ଅପରୂପ ସୌନ୍ଦର୍ଯ୍ୟ । ଆସନ୍ତୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ମନଲୋଭା ବାଦୁଡ଼ି ପାହାଡ଼ରେ କିଛି କ୍ଷଣ ପାଇଁ ହଜିଯିବା ।**









# ମନଲୋଭା ବାଦୁଡ଼ି ପାହାଡ଼


**ଏନ୍. ସନ୍ତୋଷ କୁମାର, ବୈପାରୀଗୁଡ଼ା**

## ଗମନାଗମନ ସୁବିଧା

କୋରାପୁଟ ଜିଲ୍ଲାଠାରୁ ୮୫ କିମି ଦୂରତାରେ ଅବସ୍ଥିତ ଅପୂର୍ବ ସୌନ୍ଦର୍ଯ୍ୟରେ ଭରା ମନଲୋଭା ବାଦୁଡ଼ି ପାହାଡ଼ । ବୈପାରୀଗୁଡ଼ା ବ୍ଲକ୍ ସଦର ମହାକୁମାଠାରୁ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠ ତଥା ରାମଗିରି ରାସ୍ତାରେ ତିରିଶି କିଲୋମିଟର ଗଲା ପରେ ପୂଜାରୀଗୁଡ଼ା ଛକ ପଡ଼େ । ପୂଜାରୀଗୁଡ଼ା ଛକରୁ ବାମ ପାର୍ଶ୍ୱରେ ଥିବା ରାସ୍ତାରେ ୨ କିଲୋମିଟର ଅତିକ୍ରମ ପରେ ପୂଜାରୀଗୁଡ଼ା ଗାଁ ପଡ଼ିବ । ସେଠାରୁ ଆମ୍ବଗନ୍ଧଲି ଗାଁ ଦେଇ ପୁଣି ୩ କିଲୋମିଟର ପାଦ ଚଲା ପାହାଡ଼ ଜଙ୍ଗଲ ରାସ୍ତା ପାରି ହେବା ପରେ ପହଞ୍ଚିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ବାଦୁଡ଼ି ପାହାଡ଼ରେ । ଏଠାରେ କିଛି ହାତ ଗଣତି ପରିବାର ବସବାସ କରୁଛନ୍ତି । ଗାଁରେ ଧବଳେଶ୍ୱର ପୀଠ ରହିଥିବା ବେଳେ ଏକ ପ୍ରକାର ସମ୍ପର୍ଣ୍ଣ ଭାବେ ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳେ । ଯାହାକି ଏହି ପୀଠଟି ପରିବେଶର ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟକୁ ଏକତ୍ରିତ କରୁଛି । ଶବରୀ ନଦୀର ଉଭୟ ପାର୍ଶ୍ୱରେ ବସବାସ କରନ୍ତି । ଗୋଟିଏ ପଟେ ଓଡ଼ିଶାବାସୀ ଅନ୍ୟପଟେ ଛତିଶଗଡ଼ବାସୀ । ସେମାନଙ୍କ ଯାତାୟାତ ପାଇଁ ୩ ଖଣ୍ଡ ବାଉଁଶ କାଠ ହିଁ ସାହା ଭରସା ।

## ସଜେଇ ହୋଇଛି ପ୍ରକୃତିରାଣୀ

ଅପୂର୍ବ ସୌନ୍ଦର୍ଯ୍ୟ ସବୁଜ ବନାନୀରେ ଭରପୂର ଥିବା ବାଦୁଡ଼ି ପାହାଡ଼କୁ ବିଶେଷ କରି ଦୂରଦୂରାନ୍ତରୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ । ପର୍ଯ୍ୟଟକ ଆସି ଅପୂର୍ବ ସୌନ୍ଦର୍ଯ୍ୟରେ ଭରା ବାଦୁଡ଼ି ପାହାଡ଼ର ମଜା ନେବାକୁ ପଛାଇ ନଥାନ୍ତି । ଆଗକୁ ଇଂରାଜୀ ନୂଆବର୍ଷ ଆସୁଛି, ଏଣୁ ଚଳିତ ବର୍ଷ ପ୍ରବଳ ଭିଡ଼ ଜମିବା ଆଶା ରହିଛି । ଏହି ପାହାଡ଼ର ବକ୍ଷଭେଦି କୁଳୁକୁଳୁ ହୋଇ ବୋହି ଚାଲିଛି ଶବରୀ ନଦୀ । ମନେ ହୁଏ ଏଠାରେ ସତେ ଯେମିତି ପ୍ରକୃତିରାଣୀ ହାତ ଠାରି ଡାକୁଛି । ବାସ୍ତବରେ ଏଭଳି ଦୃଶ୍ୟ ନିଜେ ନଦେଖିଲେ ବିଶ୍ୱାସ କରି ହେବ ନାହିଁ । ନୂଆବର୍ଷ ଆସିଲେ ଯୁବ ପିଢ଼ି ଅଧିକ ଆକୃଷ୍ଟ ହୁଅନ୍ତି । ପିକ୍‌ନିକ୍ ପାଇଁ ନିଜ ସାଙ୍ଗସାଥି ମେଳରେ ପର୍ଯ୍ୟଟକ ଆସି ବଣଭୋଜିର ବେଶ୍ ମଜା ନିଅନ୍ତି । ଟ୍ରାକିଂ ପାଇଁ ଏହା ଏକ ଭଲ ସ୍ଥାନ ବୋଲି କହିପାରିବା । ଖାଲି ଏତିକି ନୁହେଁ, ନଦୀ କୂଳରେ ସେଲ୍‌ଫି ନେବା ସହିତ ବଣଭୋଜି ଓ ନାଚଗୀତର ଆସର ଜମିଥାଏ । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବାଦୁଡ଼ି ପାହାଡ଼ ଆଜି ଯାଏଁ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି ।



## ପାରିପାର୍ଶ୍ୱିକ ବିକାଶ ଆବଶ୍ୟକ

ସୁନ୍ଦର ମନୋଲୋଭା ରମଣୀୟ ସ୍ଥାନ ବାଦୁଡ଼ି ପାହାଡ଼କୁ ଯିବାଆସିବା ପାଇଁ ଆଜି ପର୍ଯ୍ୟନ୍ତ ରାସ୍ତାଟିଏ ହୋଇନାହିଁ । ପକ୍କା ରାସ୍ତା ଦୂରର କଥା ମାଟି ରାସ୍ତା ମଧ୍ୟ ନାହିଁ । ରାସ୍ତା ନଥିବା ଯୋଗୁଁ କେତେବେଳେ ପାହାଡ଼ ଉପରେ ଯିବାକୁ ପଡ଼େ ତ ଆଉ କେତେବେଳେ ପଥର ସନ୍ଧିରେ ସତର୍କତା ସହିତ ଯିବାକୁ ପଡ଼ିଥାଏ । ଏଣୁ ଏଠାରେ ପାଦରେ ଯିବା ଆସିବା କଷ୍ଟକର ହୋଇପଡୁଥିବା ବେଳେ ଯାନବାହାନ ଯିବା ଆସିବା କଥା ପଚାରେ କିଏ ! ମାଓପ୍ରବଣ ଦୁର୍ଗମ ଅଞ୍ଚଳ ହୋଇଥିବା ବେଳେ ଏଠାରେ ମୋବାଇଲ୍ ମଧ୍ୟ ଠିକ୍ ଭାବରେ କାମ କରେ ନାହିଁ । ଏଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ଶବରୀ ନଦୀ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସମୟରେ ଉପରୁ ଖସି ପଡ଼ିଯିବାର ବହୁ ସମ୍ଭାବନା ରହିଛି । ତେଣୁ ଏଠାରେ ପାଦେ ପାଦେରେ ରହିଛି ବିପଦ । ଏହି ସୁନ୍ଦର ପାହାଡ଼ ଜଙ୍ଗଲ ନଦୀର ସୌନ୍ଦର୍ଯ୍ୟକୁ ଉପେଭାଗ କରିବା ପାଇଁ ସୁରକ୍ଷା ବାଡ଼ର ଆବଶ୍ୟକତା ରହିଛି । ତେବେ ଏଭଳି ଏକ ଦର୍ଶନୀୟ ସ୍ଥାନ ପାଇଁ ରାସ୍ତାଘାଟ, ବିଦ୍ୟୁତ ସଂଯୋଗ ଓ ପାଣିର ବ୍ୟବସ୍ଥା ଭଳି ଅନେକ ସମସ୍ୟା ରହିଛି । ତେଣୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେଇ ତା'ର ଉନ୍ନତି ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି । ପର୍ଯ୍ୟଟକଙ୍କ ପାଇଁ ସୁବିଧା ସହିତ ଆହୁରି ସୌନ୍ଦର୍ଯ୍ୟକରଣ କରାଗଲେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଏହି ବାଦୁଡ଼ି ପାହାଡ଼ର ସୌନ୍ଦର୍ଯ୍ୟକୁ ଉପେଭାଗ କରିପାରିବେ ।



## ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି

# ଡୋକରିଚଞ୍ଚରା ଓ ଜାକମ୍ ନେଚର୍ କ୍ୟାମ୍ପ

**ସ୍ୱାଧୀନ ପାତ୍ର, କଳାହାଣ୍ଡି**

**କଳାହାଣ୍ଡି ଜିଲ୍ଲାର ଧର୍ମ, ପରମ୍ପରା, ପ୍ରତ୍ନତତ୍ତ୍ୱ, ଝରଣା, ପାହାଡ଼ ପର୍ବତ ସର୍ବୋପରି ପ୍ରକୃତି ଲୋକଙ୍କର ଭାବାବେଗ ସହ ଜଡ଼ିତ। ପ୍ରାଚୀନ ଇତିହାସ ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଭୂଭାଗ କହିଲେ ବୁଝାଏ ଡୋକରିଚଞ୍ଚରା ଓ କର୍ଲାପାଟ ଅଭୟାରଣ୍ୟ ମଧ୍ୟରେ ଥିବା ଜାକମ କାଠ ବଙ୍ଗଳା (ଜାକମ ନେଚର କ୍ୟାମ୍ପ)। ଦୁଇଟି ପର୍ଯ୍ୟଟନସ୍ଥଳୀରେ ମନ୍ଦିର, ଜୀବଜନ୍ତୁ, ବୃକ୍ଷଲତା, ଅମର ଲିପି, ଗୁମ୍ଫା ଅନେକ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ' ବର୍ଷର ବିଭିନ୍ନ ସମୟରେ ଏହି ସ୍ଥାନକୁ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକମାନଙ୍କର ସୁଅ ଛୁଟିଥାଏ।**

**ଗୁଡ଼ହାଣ୍ଡିରେ ଦୁଇଟି ଗୁମ୍ଫା** : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ସଦର ମହକୁମାଠାରୁ ପଶ୍ଚିମ ଦିଗରେ ଟେମରା, ମହିମା ଦେଇ ୨୨ କିଲୋମିଟର ଅତିକ୍ରମ କଲେ ପଡ଼ିଥାଏ ଡୋକରିଚଞ୍ଚରା। ନବରଙ୍ଗପୁର ପଟୁ ଆମପାଣି ଓ ଧର୍ମଗଡ଼ ପଟରୁ ବେହେରା ଦେଇ ମଧ୍ୟ ଡୋକରିଚଞ୍ଚରାକୁ ଯାଇ ହୁଏ। ତିନିପଟେ ପାହାଡ଼ ହାଣ୍ଡି ଆକୃତି ମନେ ହୁଏ ଓ ଭେଳା ଭେଳା ପଥର ମୁଣ୍ଡା ସତେ ଯେମିତି ଗୁଡ଼। ଗୁଡ଼ହାଣ୍ଡିଠାରେ ଦୁଇଗୋଟି ଗୁମ୍ଫା ଦେଖିବାକୁ ମିଳିଥାଏ। ସେହିପରି ଗୁଡ଼ହାଣ୍ଡି ଉପରକୁ ରହିଛି ଅମରଲିପି ବା ଐତିହାସିକମାନଙ୍କ ଅନୁସାରେ ରକ୍ ଆର୍ଟ। ଇନ୍ଦିରା ଗାନ୍ଧୀ ଜାତୀୟ କଳାକେନ୍ଦ୍ର, ନୂଆଦିଲ୍ଲୀର ତଥ୍ୟ ଅନୁସାରେ ଏହା ଏକ ରକ୍ ସେଲ୍‌ଟର୍। ରକ୍ ଆର୍ଟ ସେଲ୍‌ଟର୍‌ରେ ମନୁଷ୍ୟର ଆକୃତି, ହରିଣ, କିଛି ଜ୍ୟାମିତିକ ସଂକେତ ସବୁ ଏକ ରଙ୍ଗର କିମ୍ବା ଲାଲ, ନୀଳ ଓ କଳା ବର୍ଣ୍ଣ ପରିଦୃଷ୍ଟ ହୋଇଥାଏ।

**ପୀଠର ଅଧିଶ୍ୱରୀ ଡୋକରି ଦେବୀ** : ଡୋକରିଚଞ୍ଚରା ପୀଠର ଅଧିଶ୍ୱରୀ ହେଉଛନ୍ତି ଡୋକରି ଦେବୀ। କେଉଁ ଅନାଦି କାଳରୁ ଡୋକରି ଦେବୀ ଏଠାରେ ପୂଜିତ ହେଉଛନ୍ତି। ମେରିଆମାନଙ୍କ ଭୟରେ ରାଜା ଗୋଟିଏ ପାହାଡ଼ର ଗୁମ୍ଫାରେ ଓ ରାଣୀ ଗୋଟିଏ ପାହାଡ଼ର ଗୁମ୍ଫାରେ ଲୁଚିଥିଲେ। କିମ୍ବଦନ୍ତୀ କହେ, ରାଜା ଗୁମ୍ଫା ଭିତରେ ମୃତ୍ୟୁବରଣ କଲେ। ଏହି ପାହାଡ଼କୁ ଯୋଗୀ



ପାହାଡ଼ କୁହାଯାଏ। ରାଣୀ ଯେଉଁ ପାହାଡ଼ରେ ଲୁଚିଥିଲେ ତାହାକୁ ରାଣୀ ପାହାଡ଼ କହନ୍ତି। ଯାହା ଏବେ ମଧ୍ୟ ବିଦ୍ୟମାନ। ରାଣୀ ତଥା ସ୍ତ୍ରୀମାନଙ୍କୁ ଡୋକରି ବୋଲି ମଧ୍ୟ କହନ୍ତି ଏବଂ ରାଣୀଙ୍କ ନାମ ଅନୁସାରେ ଏହି ଦରକୁ ଡୋକରି ଦର ଓ ଚଞ୍ଚରାକୁ ଡୋକରିଚଞ୍ଚରା ବୋଲି ନାମିତ କରିଥିବାର ଅନୁମେୟ। ସେ ସମୟରେ ସମ୍ଭବତଃ ରାଣୀଙ୍କୁ ଡୋକରି ଦେବୀ ଭାବରେ ପୂଜାର୍ଚ୍ଚନା କରି ଆସୁଛନ୍ତି। ଡୋକରି ଦରରେ ପ୍ରାୟ ୨ଶହ ଫୁଟ ଉଚ୍ଚରୁ ପାଣି ପଡ଼ିଥାଏ।

**ପୁଣ୍ୟକୁଣ୍ଡରେ ପାପ ନାଶ** : ପ୍ରାୟ ସତୁରି ଦଶକରେ ରଘୁଚନ୍ଦ ନାମକ ଜଣେ କୌପୀନଧାରୀ ବାବା ସ୍ଥାନୀୟ ଲୋକମାନଙ୍କ ସହ ଡୋକରିଚଞ୍ଚରା ପରିସର ଅନ୍ତର୍ଗତ ସମସ୍ତ ସ୍ଥାନ ଭ୍ରମଣ କରି ନାମକରଣ କରିଥିବା କୁହାଯାଏ। ଏହି ପରିସରରେ ଥିବା ପୁଣ୍ୟକୁଣ୍ଡରେ ଗାଧୋଇଲେ କ୍ଷୀରବର୍ଣ୍ଣର ଫେଣ ବାହାରି ଥାଏ ଓ ଏଠି ଗାଧୋଇଲେ ପାପ ନାଶ ହୁଏ। ଏହାର କିଛି ଦୂରରେ ରହିଛି ଋଷି ଗୁମ୍ଫା। ଏହାର ତଳକୁ ରହିଛି ସ୍ୱର୍ଗଗଙ୍ଗା ବା ଆକାଶ ଗଙ୍ଗା। ଏହାର ଠିକ୍ ନିକଟରେ ରହିଛି କଳ୍ପବଟ। ଏଠାରେ ଗୋବଧଜନିତ ପ୍ରାୟଶ୍ଚିତ କରାଯାଏ।

**୨ ଶହ ଫୁଟ୍ ଉଚ୍ଚତାର ଘୁମର ଜଳପ୍ରପାତ** : ଡୋକରିଚଞ୍ଚରାଠାରୁ ଦୁଇ କିଲୋମିଟରରେ ଅବସ୍ଥିତ ପ୍ରସିଦ୍ଧ ଭଏଁରା ଘୁମର ଜଳପ୍ରପାତ। ଏହାର ଉଚ୍ଚତା ପାଖାପାଖି ୨ଶହ ଫୁଟ। ଏହା ଭୈରବଧାର ନାମରେ ପରିଚିତ। ଏହା ତଳେ ସୃଷ୍ଟି ହୋଇଥିବା କୁଣ୍ଡକୁ ସୀତା କୁଣ୍ଡ କୁହାଯାଏ। କିଛି ଦୂର ଅତିକ୍ରମ କଲେ ସାନ ଭୈରାଘୁମର ନାମରେ ଆଉ ଏକ ଛୋଟ ଝରଣା ସୃଷ୍ଟି ହୋଇଛି। ପାଖାପାଖି ଡୋକରିଘାଟି ଶହେ ଫୁଟ ଉପରକୁ ଚଢ଼ିଲେ ରାମ ଗୁମ୍ଫା ଦେଖିବାକୁ ମିଳିଥାଏ। ଡୋକରିଘାଟିକୁ ଲାଗିକି ଥିବା ବିରାଟ ଧ୍ୱଜା ପାହାଡ଼ରେ ତତ୍କାଳୀନ ରାଜାମାନେ ଧ୍ୱଜା ବାନ୍ଧୁ ଥିଲେ। ୧୯୭୨ ମସିହାରୁ ପ୍ରତିବର୍ଷ ରାମନବମୀରେ ସପ୍ତଦିନ ବ୍ୟାପୀ ପବିତ୍ର ମଧୁମାଧବ ତୀର୍ଥଠାରେ ଡୋକରିଚଞ୍ଚରା ଗୁଡ଼ହାଣ୍ଡି ମହୋତ୍ସବ ପାଳିତ ହେଇ ଆସୁଛି।



**କର୍ଲାପାଟ ଅଭୟାରଣ୍ୟର ଜାକମ** : କଳାହାଣ୍ଡି ଜିଲ୍ଲାର କର୍ଲାପାଟ ଅଭୟାରଣ୍ୟର ଜାକମ ଟୁରିଷ୍ଟ ପଏଣ୍ଟ ପର୍ଯ୍ୟଟକଙ୍କ ପାଇଁ ଏକ ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଛି। କଳାହାଣ୍ଡି ସଦର ମହକୁମାଠାରୁ ମାତ୍ର ୧୫ କି.ମି. ଦୂରରେ ଏହା ଅବସ୍ଥିତ। କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ କର୍ଲାପାଟ ରେଞ୍ଜ ଅଧୀନରେ ଅଭୟାରଣ୍ୟଟି ରହିଛି। କର୍ଲାପାଟ ଅଭୟାରଣ୍ୟ ଭାବେ ଏପ୍ରିଲ ୨ ତାରିଖ ୧୯୯୨ରେ ଘୋଷଣା କରାଯାଇଥିଲା। ଏହାର ଅନ୍ୟତମ ମୁଖ୍ୟ ବୈଶିଷ୍ଟ୍ୟ ହେଲା ଶାଳ ସମେତ ବିଜା, କଷି, ଅସନ, ମହୁଲ, ହରିଡା, ବାହାଡ଼ା, ପାତାଳଗରୁଡ଼, ଗୁଲୁଛି ଅଁଳା ଇତ୍ୟାଦି ମୂଲ୍ୟବାନ ବୃକ୍ଷରେ ଭରପୂର। ଜୈବ-ବୈଚିତ୍ର୍ୟର ସମ୍ଭାର ହିଁ ଶାଳବଣ।

**ଅଭୟାରଣ୍ୟ ଭିତରେ ୪୧ ଗାଁ** : ଅଭୟାରଣ୍ୟ ଭିତରେ ୪୧ ଗୋଟି ଗାଁ ରହିଛି। ସେଥିମଧ୍ୟରୁ ୧୯ଟି ଗ୍ରାମ୍ୟ ଜଙ୍ଗଲ ଜନବସତି ଏବଂ ୨୨ଟି ରାଜସ୍ୱ ଗ୍ରାମରେ ଲୋକମାନେ ବସବାସ କରିଆସୁଛନ୍ତି। ସବୁଠାରୁ ବୃହତ୍ ଗ୍ରାମ ରୂପେ କର୍ଲାପାଟର ଜନସଂଖ୍ୟା ସର୍ବାଧିକ। ପ୍ରଥମେ ୧୯୭୩ ମସିହାରେ ପରିକଳ୍ପନା କରାଯାଇଥିବାବେଳେ ୧୯୯୨ ମସିହାରେ କର୍ଲାପାଟ ଅଭୟାରଣ୍ୟକୁ ଜଙ୍ଗଲ ସଂରକ୍ଷଣ ଯୋଜନାରେ ସାମିଲ କରାଯାଇଛି।

### ଆକର୍ଷଣ ଦନ୍ତାହାତୀ 'ଗଣେଶ'

ଅଭୟାରଣ୍ୟରେ ୧୨୦ ପ୍ରକାର ଔଷଧୀୟ ଗୁଣଯୁକ୍ତ ଉଦ୍ଭିଦ ଦେଖିବାକୁ ମିଳେ। ସୁରକ୍ଷା ଦିଗରେ କର୍ଲାପାଟ ଅଭୟାରଣ୍ୟକୁ ୧୭ଟି ବିଟ୍ ଓ ୫ଟି ସେକ୍ସନରେ ବିଭକ୍ତ କରାଯାଇଛି। ଏଯାବତ୍ ଅଭୟାରଣ୍ୟରେ ଏକ ଦନ୍ତା ହାତୀ ସମସ୍ତଙ୍କ ପ୍ରିୟ ପରିଚିତ ପାଲଟିଛି। ଦନ୍ତାହାତୀକୁ ସମସ୍ତେ ଗଣେଶ ନାମରେ ଜାଣନ୍ତି। ଆଜି ଯାଏଁ ଗଣେଶ କାହାର କୌଣସି କ୍ଷତି କରିନାହିଁ।

**ଶୋଭା ବଢ଼ାଉଛି ୨୬ ଜଳପ୍ରପାତ** : ୧୪୭.୬୬ ବର୍ଗ କି.ମି. ଏହାର ପରିସୀମା ମଧ୍ୟରେ ଫୁର୍ଲିଝରନ, ଜାକମ, ଗୋବରଗୋଲା, ଘୁଷୁରୀଗୁଡି, ପାଜେନ୍ଦ୍ର, ଦୁଇମୁହଁ, ଦେଙ୍ଗଚୁଆ ପକ୍ଷୀ, ରାମକାଶୀ ଓ ଖଣ୍ଡୁଆଳ ମାଳି ଭଳି ୨୬ଟି ଜଳପ୍ରପାତ ଶୋଭା ବୃଦ୍ଧି କରୁଛି। ଏହାସହିତ ଅଭୟାରଣ୍ୟରେ ବାଘ, କଲରାପତରିଆ ବାଘ, ହାତୀ, ଗୟଳ, ହରିଣ, ସମ୍ବର, କୁଟ୍ରା, ସାପ, ହଜାର ହଜାର ପ୍ରଜାପତି, ଭଳିକି ଭଳି ପକ୍ଷୀ ଆହୁରି ଅନେକ କିସମର ବନ୍ୟଜନ୍ତୁଙ୍କ ଏହା ନିରାପଦ ସ୍ଥଳୀ ହୋଇଛି। ଏଠାରେ ଚିରହରିତ ଜଙ୍ଗଲ, ଆଦ୍ର ପର୍ଣ୍ଣମୋଚି ଜଙ୍ଗଲ, ଶାଳଜଙ୍ଗଲ ସହିତ ତୃଣଭୂମି ମଧ୍ୟ ଦେଖିବାକୁ ମିଳେ।

### ନେଚର୍ କ୍ୟାମ୍ପର ସୁବିଧା

କର୍ଲାପାଟ ଅଭୟାରଣ୍ୟରେ ଜାକମ ନେଚର୍ କ୍ୟାମ୍ପର ସୁବିଧା ଅଛି। ଜାକମ କାଠ ନିର୍ମିତ ବଙ୍ଗଳା ବ୍ୟତୀତ ବର୍ତ୍ତମାନ ୬ଗୋଟି କଟେଜ ନିର୍ମାଣ କରାଯାଇଛି। ଗୋଟିଏ କଟେଜରେ ୩ ଜଣ ରହିପାରିବେ। ୨୪ ଘଣ୍ଟା ଖାଦ୍ୟପେୟ ମାଗଣାରେ ଯୋଗାଇ ଦିଆଯାଉଛି। ବନ ବିଭାଗ ଦାୟିତ୍ୱରେ ଥିବା କଟେଜ ଗୁଡ଼ିକ ପାଇଁ ଏକ 'ଫି' ନିୟମ ରହିଛି। କଟେଜ ରିଜର୍ଭ କଲେ କଟେଜ୍ ପିଛା ୪୯୫୨ ଟଙ୍କା ଦେବାକୁ ପଡ଼ିବ। ■

# ସୌନ୍ଦର୍ଯ୍ୟମୟୀ ଡମ୍ବରୁଗଡ଼ ଜଳପ୍ରପାତ

ବବୁଲୁ ପାଢ଼ୀ, ବୌଦ୍ଧ

## ପ୍ରକୃତିର ଗନ୍ତାଘର

ବୌଦ୍ଧ ଜିଲ୍ଲା ତାଳସରଡ଼ା ପଞ୍ଚାୟତ କଙ୍କଲା ଓ ଡମ୍ବରୁଗଡ଼ ମଧ୍ୟସ୍ଥଳୀରେ ରହିଛି ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ଡମ୍ବରୁଗଡ଼ ପର୍ଯ୍ୟଟନସ୍ଥଳୀ। ସବୁଜରାଣୀର ପାଦଦେଶରେ ବର୍ଷ ତମାମ କୁଳୁକୁଳୁ ନାଦ କରି ବହିଯାଉଥିବା ମହାନଦୀର ମାଦକଭରା ଶବ୍ଦ ସହିତ ଜଙ୍ଗଲର ବିଭିନ୍ନ ପଶୁପକ୍ଷୀଙ୍କ ସୁମଧୁର ସ୍ୱରରେ ଚଳଚଞ୍ଚଳ ହୋଇଉଠିଥାଏ ଏହ ଅଞ୍ଚଳ। ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନିଜ ଭିତରେ ସାଉଁଟି ରଖିଥିବା ଏହି ରମଣୀୟ ସ୍ଥାନଟି ଏବେ ପର୍ଯ୍ୟଟକ ତଥା ବଣଭୋଜି ଲାଗି ଉତ୍ସୁକ ଥିବା ଲୋକଙ୍କ ପାଇଁ ସାଜିଛି ଆକର୍ଷଣର କେନ୍ଦ୍ର। ବର୍ଷସାରା ଏଠାକୁ ବଣଭୋଜି ପାଇଁ ଲୋକଙ୍କ ସୁଅ ଛୁଟୁଥିବାବେଳେ ବିଶେଷ କରି ନଭେମ୍ବରରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଜିଲ୍ଲା ତଥା ଜିଲ୍ଲା ବାହାର ଲୋକଙ୍କର ଏଠାରେ ପ୍ରବଳ ଭିଡ଼ ଲାଗି ରହିଥାଏ। ଡମ୍ବରୁଗଡ଼ ଯଦିବି ସେତିକି ବଡ଼ ପାହାଡ଼ ନୁହେଁ, କିନ୍ତୁ ତା'ର ଗୋଟିଏ ପାର୍ଶ୍ୱରେ ବୋହି ଯାଉଛି ମହାନଦୀ ତ ଆଉ ଗୋଟେପଟରେ ଡମ୍ବରୁଗଡ଼ ପାହାଡ଼ର ଘଞ୍ଚ ଜଙ୍ଗଲ ପର୍ଯ୍ୟଟକମାନଙ୍କ ପାଇଁ ସାଜିଛି ମୁଖ୍ୟ ଆକର୍ଷଣ। ଏହି ଜଙ୍ଗଲରେ ବିଭିନ୍ନ ଔଷଧୀୟ ଗଛ, ସିଦ୍ଧଗୁରୁ ମଠ, ଜଙ୍ଗଲ ବିଭାଗ ଦ୍ୱାରା ନିର୍ମିତ ନୈସର୍ଗିକ ଶିବିର, ୱାଚ୍ ଟାୱାର, ପାର୍କ ରହିଛି। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ମହାନଦୀ ପାଣିରେ ଗାଧୋଇବାର ମଜା ନେଇଥାନ୍ତି।

## ଡମ୍ବରୁଗଡ଼କୁ ନେଇ ଲୋକକଥା

ଡମ୍ବରୁଗଡ଼କୁ ନେଇ ରହିଛି ଅନେକ ଐତିହାସିକ ତଥ୍ୟ ଓ ଲୋକକଥା। କେହି କେହି କହନ୍ତି ଡମ୍ବରୁଦତ୍ୟ ଅସୁରର ଗଡ଼ ହୋଇଥିବାରୁ ଡମ୍ବରୁଗଡ଼ ତ ଆଉ କେହି କେିହ କହନ୍ତି ମହାଦେବ ଶିବଙ୍କ ଡମ୍ବରୁ ଭଳି ପାହାଡ଼ ଆକୃତି ହୋଇଥିବାରୁ ଏହାର ନାମକରଣ ଡମ୍ବରୁଗଡ଼ ହୋଇଛି। ଆଉ ଗୋଟିଏ ଐତିହାସିକ ତଥ୍ୟ ବି ରହିଛି ଏହି ସ୍ଥାନରେ ତଥାଗତ ଭଗବାନ ବୁଦ୍ଧଙ୍କ ତନ୍ତ୍ରସାଧନା ପୀଠ ଓ ଜଗନ୍ନାଥ ପାତାଳି ସମୟରେ ମହାନଦୀରେ ଆଣି ଏଠାରେ କିଛିଦିନ ରଖିଲା ପରେ ପାତାଳି ଶ୍ରୀକ୍ଷେତ୍ର ନାଏକପଡ଼ା ଗୁମ୍ଫାରେ ପାତାଳି ହୋଇଥିଲେ। ତେବେ ଏହି ପର୍ଯ୍ୟଟନ ପୀଠର ବିକାଶ ହୋଇପାରିଲେ ଆଗାମୀ ଦିନରେ ଏହା ରାଜ୍ୟର ଏକ ପ୍ରମୁଖ ଆକର୍ଷଣୀୟ ପର୍ଯ୍ୟଟନ ପୀଠ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ କହନ୍ତି।



ବୌଦ୍ଧ ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନ ପୀଠ ହେଉଛି ଡମ୍ବରୁଗଡ଼। ଐତିହାସିକ ଡମ୍ବରୁଗଡ଼ ପାହାଡ଼ ସବୁଜ ରାଣୀର ପାଦ ଦେଶରେ ମହାନଦୀର କୁଳୁକୁଳୁ ନାଦ ସହିତ ଜଙ୍ଗଲର ପଶୁପକ୍ଷୀଙ୍କ ରାବରେ ଫାଟି ପଡୁଥିବା ସାରା ଅଞ୍ଚଳ। ଏହି ପର୍ଯ୍ୟଟନ ପୀଠ ବଣଭୋଜି ଉପଯୁକ୍ତ ସ୍ଥାନ। ତେଣୁ ଶୀତ ଋତୁରେ ଏଠାରେ ବଣଭୋଜ ପାଇଁ ଲୋକଙ୍କ ଭିଡ଼ ଲାଗିଥାଏ। ବଣଭୋଜି କରିବା ସହିତ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଲୋକେ ମନଭରି ଉପଭୋଗ କରିଥାନ୍ତି। ଆଉ ନିଜ ନିଜ ମୋବାଇଲ୍‌ରେ ସେଲ୍‌ଫି ନେଇ ସ୍ମୃତିକୁ ତାଜା କରିଥାନ୍ତି।

## ରାତ୍ରୀଯାପନ ପାଇଁ ବ୍ୟବସ୍ଥା

ଡମ୍ବରୁଗଡ଼ଠାରେ ରାତ୍ରୀଯାପନ ପାଇଁ ଜଙ୍ଗଲ ବିଭାଗ ତରଫରୁ କଟେଜ୍ ବ୍ୟବସ୍ଥା ରହିଛି। ଏହି ସୌନ୍ଦର୍ଯ୍ୟମୟ ସ୍ଥାନଟି ବୌଦ୍ଧ ବନବିଭାଗ ଅଧୀନରେ ରହିଛି। ତେବେ ପ୍ରଶାସନ ଅବହେଳାରୁ ଏହି ସ୍ଥାନକୁ ଯାତାୟାତ ନିମନ୍ତେ ସୁବିଧା ହେଉଛି। ପର୍ଯ୍ୟଟକମାନଙ୍କ ଦୃଷ୍ଟି ଆଢୁଆଳରେ ଲୁଚି ରହିଥିବା ସ୍ଥାନଟି ଆହୁରି ପ୍ରଚାରପ୍ରସାର କରିବା, ଏହାର ପାରିପାର୍ଶ୍ୱିକ ବିକାଶ କରାଗଲେ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହା ସ୍ଥାନ ପାଇ ପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରନ୍ତି।




## ମନମୋହୁଛି କୁମ୍ଭୀଦରହ ଜଳପ୍ରପାତ

ବୌଦ୍ଧ ଜିଲ୍ଲାର ଅନ୍ୟତମ ପର୍ଯ୍ୟଟସ୍ଥଳୀ ହେଉଛି କୁମ୍ଭୀଦରହ ଜଳପ୍ରପାତ। ସବୁଜରାଣୀର ପାଦ ଦେଶରେ ଝରଣାର କୁଳୁକୁଳୁ ଶବ୍ଦ ସହିତ ଜଙ୍ଗଲର ପଶୁପକ୍ଷୀଙ୍କ ରାବରେ ଫାଟି ପଡୁଥିବା ପର୍ଯ୍ୟଟନ ପୀଠ ହେଉଛି କୁମ୍ଭୀଦରହ। ଏବେ ଏଠାରେ ବଣଭୋଜି ପାଇଁ ଲାଗିଛି ଲୋକଙ୍କ ଭିଡ଼। ଥରେ ଯିଏ ବଣଭୋଜି କରିବାକୁ ଯାଇଥାଏ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରି ପାରିବେ।


ସବୁଜରାଣୀର ପାଦଦେଶରେ ବର୍ଷ ତମାମ କୁଳୁକୁଳୁ ନାଦ କରି ବହିଯାଉଥିବା ଝରଣାର ମାଦକଭରା ଶବ୍ଦ ସହିତ ଜଙ୍ଗଲର ବିଭିନ୍ନ ପଶୁପକ୍ଷୀଙ୍କ ସୁମଧୁର ସ୍ୱରରେ ଚଳଚଞ୍ଚଳ ହୋଇଉଠେ କୁମ୍ଭୀଦରହ ପର୍ଯ୍ୟଟନ ପୀଠ। ବୌଦ୍ଧ ଜିଲ୍ଲା ଆଡ଼େଣିଗଡ଼ ପଞ୍ଚାୟତ ମାଧପୁର ନିକଟରେ ରହିଛି ଏହି ରମଣୀୟ ସ୍ଥଳୀ। ବଣଭୋଜି ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ। ବର୍ଷସାରା ଏଠାକୁ ବଣଭୋଜି ପାଇଁ ଲୋକଙ୍କ ସୁଅ ଛୁଟିଥାଏ । ତେବେ ବିଶେଷ କରି ନଭେମ୍ବରରୁ ଫେବୃୟାରୀ ମାସ ଯାଏଁ ଲୋକଙ୍କ ପ୍ରବଳ ଭିଡ଼ ଲାଗିଥାଏ। କୁମ୍ଭୀଦରହ ଜଳପ୍ରପାତର ଚାରିପାର୍ଶ୍ୱର ପ୍ରାକୃତିକ ସୌନ୍ଦର୍ଯ୍ୟ ମୁଖ୍ୟ ଆକର୍ଷଣ। କୁମ୍ଭୀଦରହରକୁ ନେଇ ରହିଛି ଏକ ଲୋକକଥା। ଏଠାରେ ଏକ କୁମ୍ଭୀର ରହୁଥିବାବେଳେ କୁମ୍ଭୀଦହରକୁ ମାରିବା ପାଇଁ ପଣ୍ଡୁ ପୁତ୍ର ଅର୍ଜୁନ ଶର ଭେଦ କରିଥିଲେ। ହେଲେ କୁମ୍ଭୀରଟି ପାଣି ଭିତରକୁ ଚାଲିଯିବାରୁ ଅର୍ଜୁନଙ୍କ ଦ୍ୱାରା ନିକ୍ଷେପିତ ଶର ପଥର ଭେଦ କରିବାରୁ ପଥର ଫାଟି ଝରଣା ପାଣି ବାହାରିଥିଲା। ଯାହାର ଏକ ଚିହ୍ନ ଥିବା କହନ୍ତି ସ୍ଥାନୀୟ ଅଞ୍ଚଳବାସୀ। ତେବେ ଏହି ପର୍ଯ୍ୟଟନସ୍ଥଳୀର ବିକାଶ ହୋଇପାରିଲେ ଆଗାମୀ ଦିନରେ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରନ୍ତା ନିଶ୍ଚୟ।


## ଗମନାଗମନ ସୁବିଧା

କୁମ୍ଭୀଦରହର ଗୋଟିଏ ପାର୍ଶ୍ୱରେ ଫୁଲବାଣୀ ଜିଲ୍ଲାକୁ ସଂଯୋଗ କରୁଥିବା ରାଜପଥ ରହିଥିବାବେଳେ ଅନ୍ୟ ତିନି ପାର୍ଶ୍ୱରେ ଭରପୂର ଜଙ୍ଗଲ ରହିଛି। ବୌଦ୍ଧ-ଭୁବନେଶ୍ୱର ଜାତୀୟ ରାଜପଥର ବୌଦ୍ଧ ଜିଲ୍ଲା ଆଡେଣୀଗଡ଼ ପଞ୍ଚାୟତ ମାଧପୁର ଛକରୁ ଫୁଲବାଣୀ ରାସ୍ତାରେ ୩ କିଲୋମିଟର ଗଲେ ପଡ଼େ ଏହି ରମଣୀୟ ପର୍ଯ୍ୟଟନ ସ୍ଥଳୀ। ଏଠାରେ ରାତ୍ରୀଯାପନ ପାଇଁ କୌଣସି ବ୍ୟବସ୍ଥା ନଥିବାବେଳେ ମାଧପୁର ଛକରେ ପୂର୍ତ୍ତ ବିଭାଗର ଡାକବଙ୍ଗଳା ଏବଂ ଆଡେଣୀଗଡ଼ରେ ଜାତୀୟ ରାଜପଥ ବିଭାଗର ଡାକବଙ୍ଗଳା ରହିଛି। ■









# ପ୍ରକୃତିର ଭୂସ୍ୱର୍ଗ ଡେବ୍ରିଗଡ଼

ସୁକାନ୍ତ କର, ସମ୍ବଲପୁର

ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ପ୍ରାୟ ୩୫୩ ବର୍ଗ କିଲୋମିଟର ଅଞ୍ଚଳରେ ବ୍ୟାପ୍ତ ଡେବ୍ରିଗଡ଼ ଅଭୟାରଣ୍ୟ। ଏବେ ରାଜ୍ୟ ତଥା ଦେଶର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ଏହି ଅଭୟାରଣ୍ୟ। ଏହି ଅଭୟାରଣ୍ୟ ଛତିଶଗଡ଼ ଓ ମଧ୍ୟପ୍ରଦେଶର ଅଭୟାରଣ୍ୟ ସହ ସଂଯୋଗ ହେବା ଦ୍ୱାରା ବନ୍ୟଜନ୍ତୁ ତଥା ପକ୍ଷୀମାନେ ସେମାନଙ୍କ ଅନୁକୂଳ ବାସସ୍ଥାନ (ହେବିଟେଟ୍) ପାଇବା ସହ ପ୍ରକୃତି ସହିତ ଜଡ଼ିତ ହୋଇ ରହିଛନ୍ତି। ଡେବ୍ରିଗଡ଼କୁ ଲାଗିଛି ଛତିଶଗଡ଼ର ଗୋର୍ମଦା ଅଭୟାରଣ୍ୟ, ଉଦନ୍ତୀ ସୀତାନଦୀ ଟାଇଗର ରିଜର୍ଭ ଓ ଅଚାନକ୍‌ମାର୍ ଟାଇଗର୍ ରିଜର୍ଭ ଏବଂ ମଧ୍ୟପ୍ରଦେଶ ସହିତ ଲାଗିଛି। ଡେବ୍ରିଗଡ଼ ସେଣ୍ଟ୍ରାଲ ଇଣ୍ଡିଆନ ଟାଇଗର୍ ହେବିଟେଟ୍ ସହିତ ଲାଗି ରହିଛି। ଏହି କରିଡର୍‌ରେ ଚିତାବାଘ, ମହାବଳ ଆଦି ଜୀବଜନ୍ତୁ ଚଳପ୍ରଚଳ ହେଉଥିବା ଜଣାପଡ଼ିଛି। ଡେବ୍ରିଗଡ଼ ଏବେ ପର୍ଯ୍ୟଟକଙ୍କ ପାଇଁ ପରିବେଶ ଅନୁକୂଳ ପର୍ଯ୍ୟଟନ (ଇକୋ ଟୁରିଜିମ୍)ର ପ୍ରମୁଖ ସ୍ଥଳ ପାଲଟିଛି। ଏଠାରେ ଶହ ଶହ ଏକର କ୍ଷେତ୍ରରେ ବୃକ୍ଷରାଜି ସହ ହୀରାକୁଦ ଜଳଭଣ୍ଡାର ଏବଂ ପଶୁପକ୍ଷୀଙ୍କ ସ୍ୱଚ୍ଛନ୍ଦ ଓ ମୁକ୍ତ ଚଳାଚଳ ପର୍ଯ୍ୟଟକଙ୍କ ସକାଶେ ପ୍ରକୃତିର ଭୂସ୍ୱର୍ଗ ହୋଇଛି।

## ମୁଖ୍ୟ ଆକର୍ଷଣ ବନ୍ୟ ଜୀବଜନ୍ତୁ

ଡେବ୍ରିଗଡ଼କୁ ଗଲେ ଜୀବନର ସବୁ ଦୁଃଖବିଷାଦ ଭୁଲି ହୋଇଯାଏ ପ୍ରକୃତିର କୋଳରେ କିଛି ସମୟ ବିତାଇବା ପରେ। ଡେବ୍ରିଗଡ଼ରେ ରାତ୍ରିରହଣି ସମୟରେ ଇକୋ ଟୁରିଜିମ୍ ସୁବିଧା ରହିଛି। ଡେବ୍ରିଗଡ଼ ଅଭୟାରଣ୍ୟରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିଥାଏ। ଅନ୍ୟସମୟରେ ଜୀବଜନ୍ତୁଙ୍କ ବିଶ୍ରାମ ସମୟ ହୋଇଥାଏ। ଏହି ସମୟରେ କ୍ୟାମ୍ପସ ଶବ୍ଦ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଉଦ୍ୟମ ସହ ନେଚର୍ କ୍ୟାମ୍ପ ଅଞ୍ଚଳରେ ଲୋ-ଲାଇଟ୍ କମ୍ ଆଲୋକ କରାଯାଇଥାଏ, ଯେପରିକି ପଶୁପକ୍ଷୀମାନଙ୍କ ବିଶ୍ରାମ ସମୟରେ ବ୍ୟାଘାତ ନହେବ। ଜୀବଜନ୍ତୁଙ୍କ ବିଶ୍ରାମ ସମୟରେ ବ୍ୟାଘାତ ସୃଷ୍ଟି ହେଲେ ତାହା ସେମାନଙ୍କ ପ୍ରଜନନକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜଙ୍ଗଲ ସଫାରୀ, ନେଚର୍ କ୍ୟାମ୍ପ ଆଦି ପାଇଁ ଗତବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବା ପରେ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସେଜିଓର୍ (ଏସ୍‌ଓପି) ମଧ୍ୟ ଜାରି କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ୮୫ ହଜାର ପର୍ଯ୍ୟଟକ ଆସିଥିବାବେଳେ ୫ କୋଟି ଟଙ୍କା ରାଜସ୍ୱ ଆସିଥିଲା। ତାହା ପୂର୍ବବର୍ଷ ସାଢ଼େ ୩ କୋଟି ଟଙ୍କା ରାଜସ୍ୱ ଆସିଥିଲା। ବନ୍ୟଜନ୍ତୁ ଦେଖାଯିବା ଡେବ୍ରିଗଡ଼ ପରି ଅନ୍ୟ ଅଭୟାରଣ୍ୟରେ ପ୍ରାୟ ନାହିଁ।

## ନେଚର୍ କ୍ୟାମ୍ପ

ଇକୋ ଗାଇଡ୍‌ମାନେ ପକ୍ଷୀମାନଙ୍କୁ ଚିହ୍ନଟ କରିବା ସହ ଜନ୍ତୁମାନଙ୍କ ବିଷୟରେ ପର୍ଯ୍ୟଟକଙ୍କୁ ବୁଝାଇଥାନ୍ତି। ପ୍ରାୟ ପ୍ରତିଦିନ ବିଭିନ୍ନ ପ୍ରକାରର ଜନ୍ତୁ ଦେଖାଯାଉଛନ୍ତି। ସେମାନଙ୍କ ମଧ୍ୟରେ ଲିଓପାର୍ଡ, ଚିତାବାଘ, ଭାଲୁ, ଗୟଳ, ସମ୍ବର, ହରିଣ, ବାର୍ହା, ମୟୂର, ଲଙ୍ଗୁର, ୱାଇଲ୍ଡ ଡଗ୍ ଆଦି ୮ରୁ ୧୦ଟି ପ୍ରଜାତିର ବନ୍ୟଜନ୍ତୁ ଓ ପକ୍ଷୀ ଦେଖିବାକୁ ମିଳୁଛନ୍ତି। ଡେବ୍ରିଗଡ଼କୁ ଏସ୍‌ଓପି ଜରିଆରେ ଶୃଙ୍ଖଳିତ ଏବଂ ଜୀବଜନ୍ତୁ ଚଳପ୍ରଚଳରେ ବ୍ୟାଘାତ ସୃଷ୍ଟିକୁ ନିୟନ୍ତ୍ରଣ କରାଯାଉଥିବାରୁ ପଶୁପକ୍ଷୀମାନଙ୍କୁ ପର୍ଯ୍ୟଟକମାନେ ଦେଖି ପାରୁଛନ୍ତି। ଏପରିକି ଡେବ୍ରିଗଡ଼କୁ ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ହୀରାକୁଦ ଜଳଭଣ୍ଡାର ଭିତରେ ଆଇଲ୍ୟାଣ୍ଡ କାଫେ କରାଯାଇଛି। ଯେଉଁମାନେ ନେଚର୍ କ୍ୟାମ୍ପରେ ରହୁଛନ୍ତି ସେମାନେ କ୍ରୁଜ୍ ଜରିଆରେ ସେଠାକୁ ଯାଇପାରିବେ। ସେଠାରୁ ସେମାନେ ହୀରାକୁଦ ଜଳଭଣ୍ଡାର, ହୀରାକୁଦ ଡ୍ୟାମ ଆଦି ଦେଖିପାରିବେ। ଏହି କାଫେକୁ ତାଳଗଛ, ବାଉଁଶ, ନଡ଼ା ଆଦି ସହ ଇକୋ-ଫ୍ରେଣ୍ଡଲି ଭାବେ ତିଆରି କରାଯାଇଛି।

## ରାତ୍ରିରହଣି ପାଇଁ ସୁବିଧା

ଡେବ୍ରିଗଡ଼ରେ ରାତ୍ରିରହଣି ପାଇଁ ୨୦ଟି କୋଠରି ରହିଛି। ତନ୍ମଧ୍ୟରେ ରହିଛି ୬ଟି ଓଡ଼ିଶାର ପ୍ରଥମ ଷ୍ଟାରଗେଜିଂ କଟେଜ୍। ଏହା ଏକ ଅନନ୍ୟ କନ୍‌ସେପ୍ଟ। କେଉଁ ଦିଗରେ ଦେଖିଲେ କେଉଁ ତାରା ଦେଖିବେ ତାହା ଫଳକ ମାଧ୍ୟମରେ ଉଲ୍ଲେଖ କରାଯାଇଛି। ବଳକା ୧୪ଟିରୁ କେତୋଟି କଟେଜ୍ ଏବଂ କିଛି ସୁଇଟ୍ ମଧ୍ୟ ରହିଛି। ପୁଣି ଚଳିତବର୍ଷ ନଭେମ୍ବର ୨୫ରୁ ଢୋଡ୍ରୋକୁସୁମ ଗାଁରେ ୫ଟି ହୋମ୍-ଷ୍ଟେ ଆରମ୍ଭ କରାଯାଇଛି। ଯେଉଁଠାରେ ପର୍ଯ୍ୟଟକମାନେ ମାଟି ଓ ବାଉଁଶ ଘରେ ରହି ପ୍ରାକୃତିକ ପରିବେଶକୁ ଅନୁଭବ କରିପାରିବେ। ରାତ୍ରିରହଣି ପାଇଁ ୨୫ଟି କୋଠରିର ବୁକିଂ ଇକୋଟୁର୍ ଓଡ଼ିଶା ଡଟ୍ କମ୍ ମାଧ୍ୟମରେ ଅନ୍‌ଲାଇନରେ କରାଯାଉଛି। କୌଣସି ନଗଦ ଦେୟ ଦେବାକୁ ପଡ଼ିବ ନାହିଁ ବୋଲି ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ଏହି ରାତ୍ରିରହଣି ଅର୍ଥରୁ ଜଙ୍ଗଲ ନିକଟସ୍ଥ ଗ୍ରାମ ଓ ଜଙ୍ଗଲ ଉପରେ ନିର୍ଭରଶୀଳ ଗ୍ରାମବାସୀଙ୍କୁ ବିକଶିତ କରିବାସହ ଡେବ୍ରିଗଡ଼କୁ ଆହୁରି ଆକର୍ଷିତ କରିବା ପାଇଁ ପଦକ୍ଷେପ ନିଆଯାଉଥିବା ସେ ସୂଚନା ଦେଇଛନ୍ତି।







## ପ୍ରକୃତିର କୋଳରେ 'ହୋତାପାଲ'

ଅସୁରଗଡ଼ ପର୍ବତ ଶିଖରରୁ ଏକ ଛୋଟ ଝରଣା ଆସି ତାହା ୧୨ ଏକର ପରିମିତ ଜାଗାରେ ଏକ ପୋଖରୀ ସୃଷ୍ଟି କରିଛି। ତିନିପଟେ ଜଙ୍ଗଲ ଘେରି ରହିଥିବାବେଳେ ଗୋଟିଏ ପଟେ ବିସ୍ତୀର୍ଣ୍ଣ ଚାଷଜମି। ଏଭଳି ଏକ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଜାଗାଟି ରହିଛି ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ୍ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତରେ ହୋତାପାଲ ଗ୍ରାମରେ। ସମ୍ବଲପୁର ସହରରୁ ଏହାର ଦୂରତ୍ୱ ପ୍ରାୟ ୪୦ କିଲୋମିଟର। ମହାନଦୀ ଏବଂ ସଂଲଗ୍ନ ପାହାଡ଼ ମଧ୍ୟରେ ପ୍ରକୃତିକୁ ଏକାନ୍ତରେ ଉପଭୋଗ କରିବା ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ। ଏହି ସ୍ଥାନର ମନୋରମ ଦୃଶ୍ୟ ସକାଶେ ପ୍ରତିବର୍ଷ ବହୁ ସଂଖ୍ୟାରେ ଲୋକେ ପିକ୍‌ନିକ୍ ପାଇଁ ଏଠାକୁ ଆସିଥାନ୍ତି। ତେବେ, ସମ୍ବଲପୁର-ସୋନପୁର ରାସ୍ତାର ପାଦଦେଶରେ ଅବସ୍ଥିତ, ହୋତାପାଲ ଅଧିକାଂଶ ବାହାର ଲୋକଙ୍କ ପାଇଁ ଏବେ ବି ଅଜଣା। ସମ୍ବଲପୁର ପଶ୍ଚିମ ଓଡ଼ିଶାର ପ୍ରମୁଖ ସହର ସହ ମା' ସମଲେଶ୍ୱରୀଙ୍କ ପୀଠ ଥିବାବେଳେ ମାତ୍ର କେଇ କିଲୋମିଟର ଦୂରରେ ରହିଛି ହୁମା ବକ୍ର ମନ୍ଦିର। ପରିବେଶ ଅନୁକୂଳ ପର୍ଯ୍ୟଟନ ବା ଇକୋ ଟୁରିଜିମ୍ ପାଇଁ ହୋତାପାଲ ଏକ ପ୍ରକୃଷ୍ଟ ସ୍ଥାନ। ରାଜ୍ୟ ଓ କେନ୍ଦ୍ର ସରକାର ପର୍ଯ୍ୟଟନର ବିକାଶକୁ ଗୁରୁତ୍ୱ ଦେଉଥିବାବେଳେ 'ହୋତାପାଲ' ଏବେ ବି ଆଢୁଆଳରେ ରହିଯିବା ବିଡ଼ମ୍ବନାର ବିଷୟ। ■




# ପ୍ରକୃତିର କଳାକୃତି 'ବାରହା ପଥର'

କ୍ଷୀରସିନ୍ଧୁ ମହାନ୍ତି, ବ୍ରହ୍ମପୁର

## ମନଲୋଭା ପର୍ଯ୍ୟଟନ ସ୍ଥଳୀ

ଶୀତ ଋତୁ ଆସିଲେ ସମସ୍ତଙ୍କ ମନ ହୁଏ ପରିବାର, ସାଙ୍ଗସାଥିଙ୍କ ସହ ମିଶି ବଣଭୋଜି କରିବା ପାଇଁ । ସେତେବେଳେ ଖୋଜା ପଡ଼େ ଏକ ସୁନ୍ଦର ମନଲୋଭା ପର୍ଯ୍ୟଟନ ସ୍ଥଳୀ । ଗଞ୍ଜାମ ଜିଲ୍ଲାରେ ବହୁ ପର୍ଯ୍ୟଟନ ସ୍ଥଳୀ ମଧ୍ୟରେ ଅନ୍ୟତମ ବାରହା ପଥର। ଗଞ୍ଜାମ ଓ ଗଜପତି ଜିଲ୍ଲା ସୀମାରେ ଥିବା ମହେନ୍ଦ୍ରତନୟା ପାହାଡ଼ରୁ ଝରି ଆସୁଥିବା ନିର୍ଝର ଝରଣା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର 'ବାରହା ପଥର' । ପାତ୍ରପୁର ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ବୁରାତାଲ ପଞ୍ଚାୟତ ଅନ୍ତର୍ଗତ ଅଣ୍ଡଅଣ୍ଡା ଗ୍ରାମରୁ ମାତ୍ର ୫ଶହ ମିଟର ଦୂରରେ ଅବସ୍ଥିତ ଏହି ସ୍ଥାନ। ବ୍ରହ୍ମପୁର ସହରଠାରୁ ପ୍ରାୟ ୮୦କିଲୋମିଟର, ଗଜପତିରୁ ୨୫କିଲୋମିଟର, ଆନ୍ଧ୍ର ଇଛାପୁରଠାରୁ ୪୫କିଲୋମିଟର ଦୂରରେ ଏହାର ଅବସ୍ଥିତି । ଗତକିଛି ବର୍ଷ ହେବ ଏହା ପର୍ଯ୍ୟଟକଙ୍କୁ ଆକର୍ଷିତ କରି ରଖିଛି । ଚଳିତବର୍ଷ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟନ ଆସୁଛନ୍ତି । ପ୍ରକୃତି କୋଳରେ ପର୍ଯ୍ୟଟକ ଉପସ୍ଥିତ ରହି ନାଚ ଗୀତରେ ଝୁମିଥାନ୍ତି ।



## ପ୍ରକୃତି ଓ ଆଧ୍ୟାତ୍ମିକତାର ସମନ୍ୱୟ ପୀଠ

ମହେନ୍ଦ୍ରଗିରି ପାହାଡ଼ରେ କୁନ୍ତୀ ଓ ପଞ୍ଚୁ ପାଣ୍ଡବଙ୍କ ମନ୍ଦିର ରହିଛି । ଶିବରାତ୍ରୀ ପୂର୍ବ ଦିନ ଏଠାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ପାଣ୍ଡବଙ୍କ ବନବାସ ସମୟରେ ଏହି ପାହାଡ଼ 'ବାରହା ପଥର' ସ୍ଥାନରେ କିଛି ଦିନ ରହିଥିବା ସଂପର୍କରେ ଲୋକକଥା ରହିଛି। କିମ୍ବଦନ୍ତୀ ଅନୁଯାୟୀ, ଏକ ବିରାଟ ବାରହା ସହିତ ପଞ୍ଚୁ ପାଣ୍ଡବଙ୍କ ଯୁଦ୍ଧ ହୋଇଥିଲା । କିନ୍ତୁ ଶକ୍ତିଶାଳୀ ବାରହାକୁ ପାଣ୍ଡବମାନେ ପରାସ୍ତ କରିପାରି ନଥିଲେ। ଫଳରେ ଅର୍ଜୁନ ମହାଦେବଙ୍କୁ ଧ୍ୟାନ କରିଥିଲେ । ସେଠାରେ ମହାଦେବ ଆବିର୍ଭାବ ହୋଇ ବାରହାକୁ ପାଷାଣ କରିଥିଲେ। ସେହିଦିନଠାରୁ ଏହି ସ୍ଥାନକୁ ବାରହା ପାଷାଣରୁ 'ବାରହା ପଥର' ନାମରେ ନାମିତ ହୋଇଛି । ସେହିଭଳି ପ୍ରକୃତି କୋଳରେ ଥିବା ଏହି ମହେନ୍ଦ୍ର ପାହାଡ଼ କୋଳରେ ବହୁ ଔଷଧୀୟ ଗୁଣ ଭରପୂର ଅଛି । ଏହିପରି ଏକ ଐତିହାସିକ ତଥା ପର୍ଯ୍ୟଟନସ୍ଥଳୀକୁ ଆନ୍ଧ୍ର ଓ ଓଡ଼ିଶାରୁ ଲୋକଙ୍କ ସୁଅ ଛୁଟୁଥିବା ବେଳେ ସରକାରଙ୍କ ଦୃଷ୍ଟି ନପଡ଼ିବା ଏକ ଦୁର୍ଭାଗ୍ୟ ଜନକ ବୋଲି କୁହାଯାଉଛି ।



ପ୍ରକୃତି ତାର ଅପୂର୍ବ କଳାକୃତିକୁ କେବେ କେବେ ପଥରରେ ଏମିତି ଖୋଦାଇ ରଖେ, ଯାହା ଦେଖିଲେ ମନୁଷ୍ୟର ମନ ତାହାର ଧୀର ଶିଳ୍ପୀସ୍ପର୍ଶକୁ ଅନୁଭବ କରିଥାଏ । ବାରହା ପଥର ସେହିପରି ଏକ ଅଦ୍ଭୁତ ସୃଷ୍ଟି । ନିରବ ପ୍ରତିମାମାନଙ୍କ ଭଳି ଏହାର ଗଠନଗୁଡ଼ିକ ପ୍ରକୃତିର ସୌଦାଗର ଭାବେ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ । ଚାରିପାଖର ସାନ୍ତ୍ୱନାଦାୟକ ପରିବେଶ । ପବନର ଶୀତଳ ସ୍ପର୍ଶ ଓ ପୃଥିବୀର ଅଜଣା କାହାଣୀ ବୋହି ଆଣୁଥିବା ଏହି ସ୍ଥଳ ପ୍ରକୃତିପ୍ରେମୀଙ୍କ ପାଇଁ ମନୋରମ ପର୍ଯ୍ୟଟନ ପୀଠ । ପ୍ରଭାତୀ ସୂର୍ଯ୍ୟକିରଣରେ ଯେତେବେଳେ ପଥରଗୁଡ଼ିକ ଗାଢ଼ ଛାୟାକୁ ଛୁଇଁ ଯାଏ, ସମଗ୍ର ପର୍ଯ୍ୟଟନସ୍ଥଳ ଏକ ସ୍ୱର୍ଗୀୟ ରୂପ ଧାରଣ କରେ । ବାରହା ପଥରକୁ ଦେଖିଲେ ପର୍ଯ୍ୟଟକମାନେ ପ୍ରକୃତିର ଅଦ୍ଭୁତ ଖେଳ ଓ ନିର୍ମାଣକୃତିକୁ ନିକଟରୁ ଅନୁଭବ କରିଥାନ୍ତି । ଏଠାକାର ଶାନ୍ତ ପରିବେଶ ମନକୁ ମୋହିତ କରେ । ଯାହା ଜୀବନର କଳହରୁ ମୁକ୍ତି ଦେଇଥାଏ । ବାରହା ପଥର ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କ ପାଇଁ ଏକ ଅମୂଲ୍ୟ ଗନ୍ତବ୍ୟସ୍ଥଳ । ଏଠାକାର ଝରଣାର ଶୀତଳ ଧାରା ପର୍ଯ୍ୟଟକମାନଙ୍କୁ ମନମୁଗ୍ଧ କରେ । ପ୍ରକୃତିର ସ୍ୱାଭାବିକ ସୌନ୍ଦର୍ଯ୍ୟରେ ଘେରା ଏହି ସ୍ଥଳ ମନକୁ ଅବିସ୍ମରଣୀୟ ସୁଖଦ ଅନୁଭବ ଦେଇଯାଏ ।

## କୁଳୁ କୁଳୁ ନାଦରେ ନିନାଦିତ ଶାନ୍ତି ଝର

ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଧରାକୋଟ ଗଡ଼ର ନିକଟରେ ରହିଛି ଶାନ୍ତି ଝର । ପ୍ରକୃତିର ଏହା ଏକ ଅପୂର୍ବ ସମ୍ଭାର। ଝରଣାର କୁଳୁ କୁଳୁ ନାଦରେ ଏହା ନିନାଦିତ । ଏହି ପୀଠରେ ସମ୍ପ୍ରତି ପର୍ଯ୍ୟଟକଙ୍କ ଭିଡ ଜମିବାରେ ଲାଗୁଛି। ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ପୀଠ ପ୍ରତି ଧୀରେ ଧୀରେ ଆକର୍ଷିତ ହେଉଛନ୍ତି ପର୍ଯ୍ୟଟକ । ଆକର୍ଷଣୀୟ ପ୍ରାକୃତିକ ପରିବେଶ ସାଙ୍ଗକୁ ବଣ ଜଙ୍ଗଲରୁ ଝରି ଆସୁଥିବା ଝରଣାର ନାଦ ଏହାର ପରିବେଶକୁ ଆହୁରି ଅମୋଦିତ କରୁଛି । ପୀଠର ଆରମ୍ଭରେ ଥିବା ଶାନ୍ତିର ପ୍ରତୀକ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଦର୍ଶକଙ୍କ ମନ ମୋହୁଥିବା ବେଳେ ପୀଠର ପାଦ ଦେଶରେ ମା' କଠୁଳିଆ ଦେବୀଙ୍କ ମନ୍ଦିର, ମଧ୍ୟ ଭାଗରେ ସିଦ୍ଧ ଗୁମ୍ଫାରେ ବିରାଜିତ ମା' ରାଜ ରଜେଶ୍ୱରୀ ଗଡ଼ଚଣ୍ଡିଙ୍କ ଜ୍ୱଳନ୍ତ ମୂର୍ତ୍ତି, ପାହାଡ଼ ଶିଖରରେ ହନୁମାନ ବାଟିକା ନିକଟରେ ଜଳ ପରିପୂର୍ଣ୍ଣ କୁଣ୍ଡ ଓ ତଳ ଭାଗରେ ରହିଥିବା ଶିଶୁ ପାର୍କ ପିଲାଙ୍କ ମନ ମହୁଛି । ସେହିଭଳି ମହାବୀର ଘାଟିରେ ଗାଡ଼ି ଚାଳନା ପର୍ଯ୍ୟଟକମାନଙ୍କୁ ଅନନ୍ୟ ଅନୁଭୂତି ଦେଉଛି ।

## ପିକ୍‌ନିକ୍ ପାଇଁ ଭିଡ଼

ବିଶେଷ କରି ଡିସେମ୍ବର ଓ ଜାନୁଆରୀ ମାସରେ ରାଜ୍ୟର କୋଣଅନୁକୋଣରୁ ଲୋକେ ଶାନ୍ତି ଝରରେ ଭିଡ଼ ଜମାଇଥାନ୍ତି । ପ୍ରତିବର୍ଷ ପିକ୍‌ନିକ୍ ପାଇଁ ଏଠାରେ ଛାତ୍ରଛାତ୍ରୀମାନଙ୍କ ଅଧିକ ଭିଡ଼ ହୋଇଥାଏ । ବଣଭୋଜି ପାଇଁ ବିଶୁଦ୍ଧ ପାନୀୟ ଜଳ ସାଙ୍ଗକୁ ଭୋଜି ରାନ୍ଧିବା ପାଇଁ ପିଣ୍ଡି, ସୁନ୍ଦର ପରିବେଶ ଓ ନିକଟରେ ଥିବା ପାର୍କିଂ ସ୍ଥାନ ଦର୍ଶକଙ୍କୁ ଏଠାକୁ ଆକୃଷ୍ଟ କରିଥାଏ । ସବୁଠାରୁ ଆକର୍ଷଣୀୟ କଥା ହେଲା ସନ୍ଧ୍ୟା ସମୟରେ ମୟୂରମାନେ ଦଳ ଦଳ ହୋଇ ପୀଠ ନିକଟରେ ବିଚରଣ କରିଥାନ୍ତି । ସମ୍ପ୍ରତି ଶାନ୍ତିଝର ଉନ୍ନୟନ କମିଟି ଉଦ୍ୟମ କ୍ରମେ ହନୁମାନ ବାଟିକାରେ ଏକ ୩୧ଫୁଟ ଉଚ୍ଚତାର ହନୁମାନ ପ୍ରତିମୂର୍ତ୍ତି ନିର୍ମାଣ ଚାଲିଛି । ଏହାର ଭିତ୍ତିଭୂମି ବିକାଶ ହେଲେ ଆଗାମୀ ଦିନରେ ଏହି ପର୍ଯ୍ୟଟନସ୍ଥଳ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ■








## ୧୯୯୪ରେ ଜୈବମଣ୍ଡଳର ମାନ୍ୟତା

୧୯୭୯ ମସିହା ଡିସେମ୍ବର ୩ ତାରିଖରେ ଏହି ଅଞ୍ଚଳକୁ ରାଜ୍ୟ ସରକାର ପ୍ରସ୍ତାବିତ ଅଭୟାରଣ୍ୟ ରୂପେ ଗ୍ରହଣ କରିଥିଲେ। ୧୯୯୪ ମସିହା ଜୁନ୍ ୨୨ ତାରିଖରେ ୟୁନେସ୍କୋର ମାନବ ଓ ଜୈବମଣ୍ଡଳର କାର୍ଯ୍ୟକ୍ରମ ଅଧୀନରେ ଏହାକୁ ଜୈବମଣ୍ଡଳର ମାନ୍ୟତା ମିଳିଛି । ତେବେ ୪୫ ବର୍ଷ ପରେ ଗତ ଅପ୍ରେଲ ୨୪ ତାରିଖରେ ଶିମିଳିପାଳକୁ ସରକାରୀ ଭାବେ ନ୍ୟାସନାଲ ପାର୍କ ବା ଜାତୀୟ ଉଦ୍ୟାନ ଭାବେ ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏଥିପାଇଁ ୧୯୮୦ ମସିହାରେ ପ୍ରଥମ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହାପରେ ୧୯୮୫-୮୬ ମସିହାରେ ପୁଣି ଥରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ତେବେ ସବୁ ପ୍ରକ୍ରିୟା ସରିବା ପରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । ଜାତୀୟ ଉଦ୍ୟାନ ଘୋଷଣା ପରେ ଏବେ ଶିମିଳିପାଳ ଉପରେ ସମ୍ପୂର୍ଣ୍ଣ ଅଧିକାର ସରକାରଙ୍କର ।

**ଦେଶର ସର୍ବବୃହତ୍ ସଂରକ୍ଷିତ ଅରଣ୍ୟ ହେଉଛି ଶିମିଳିପାଳ । ଏହା ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଏହା ପରିପୂର୍ଣ୍ଣ । ଏହି ସ୍ଥାନରେ ପର୍ଯ୍ୟଟକମାନେ ପ୍ରକୃତିର ମଜା ନେବା ସହିତ ବନ୍ୟଜନ୍ତୁଙ୍କୁ ଅତି ପାଖରୁ ଦେଖିବାର ସୁଯୋଗ ପାଇଥାନ୍ତି । ସେହିପରି ପ୍ରକୃତିପ୍ରେମୀଙ୍କୁ ଏହା ସ୍ୱର୍ଗୀୟ ଅନୁଭୂତି ପ୍ରଦାନ କରିଥାଏ ।**

# ପ୍ରକୃତି ଓ ବନ୍ୟ ଜୀବଜନ୍ତୁଙ୍କ ଭୂସ୍ୱର୍ଗ
# ଶିମିଳିପାଳ ଜାତୀୟ ଅଭୟାରଣ୍ୟ

ମନୋଜ ପଣ୍ଡା, ବାରିପଦା



## ଶିମିଳିପାଳ ଜୈବ ମଣ୍ଡଳ ଅନ୍ୟତମ

ଜନବସତି ନଥିବା ୮୪୫ ବର୍ଗ କିଲୋମିଟର ବର୍ତ୍ତମାନ ଜାତୀୟ ଉଦ୍ୟାନ ମାନ୍ୟତା ପାଇଛି । ଭିତରକନିକା ସହିତ ଓଡ଼ିଶାରେ ଥିବା ୨ଟି ଜାତୀୟ ଉଦ୍ୟାନ ଓ ୧୮ଟି ଅଭୟାରଣ୍ୟ ମଧ୍ୟରୁ ଶିମିଳିପାଳ ଜୈବମଣ୍ଡଳ ଅନ୍ୟତମ । ପରିବେଶବିତ୍‌ମାନଙ୍କ ମତରେ ହିମାଳୟ ପାଦଦେଶସ୍ଥିତ ଉତ୍ତର ପୂର୍ବ ଭାରତ ତଥା ଦକ୍ଷିଣ ଭାରତ ମଧ୍ୟରେ ଶିମିଳିପାଳ ଜୈବମଣ୍ଡଳ ପ୍ରାକୃତିକ ଭାରସାମ୍ୟ ରକ୍ଷାରେ ନିରବଚ୍ଛିନ୍ନ ଭୂମିକା ଗ୍ରହଣ କରିଆସିଛି । ସେଥିପାଇଁ ୨୦୦୯ ମସିହା ମେ ୨୬ ତାରିଖରେ ଶିମିଳିପାଳ ବିଶ୍ୱସ୍ତରୀୟ ଜୈବମଣ୍ଡଳ ଭାବେ ୟୁନେସ୍କୋର ୨୧ ତମ ଅଧିବେଶନରେ ପୁରସ୍କୃତ ହୋଇଛି ।

## ଆକର୍ଷଣ ମହାବଳ ବାଘ

ଓଡ଼ିଶାର ସର୍ବବୃହତ୍ ଜିଲ୍ଲା ମୟୂରଭଞ୍ଜର ଆୟତନ ୧୦,୪୧୮ ବର୍ଗ କିମି ହୋଇଥିବା ବେଳେ ସେଥିମଧ୍ୟରୁ ଶିମିଳିପାଳ ଜୈବମଣ୍ଡଳ ପାଇଁ ୫୫୬୯ ବର୍ଗ କିମି ସଂରକ୍ଷିତ । ସେଥିରୁ ୨୨୭୧.୭୮ ବର୍ଗ କିମି ଶିମିଳିପାଳ ସଂରକ୍ଷିତ ଅଭୟାରଣ୍ୟ । ଏହା ସାରା ଦେଶରେ ସର୍ବବୃହତ୍ ଓ ଏସିଆ ମହାଦେଶର ଦ୍ୱିତୀୟ ସର୍ବବୃହତ୍ ସଂରକ୍ଷିତ ବନକ୍ଷେତ୍ର ଭାବେ ପରିଗଣିତ । ଏଠାରେ ବ୍ୟାଘ୍ର ଓ ହସ୍ତୀ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟ କରୁଛି । ଶିମିଳିପାଳରେ ମହାବଳ ବାଘ ବଂଶ ବୃଦ୍ଧି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ନିକଟରେ ମହାରାଷ୍ଟ୍ରରୁ ଆସିଥିବା ଜିନତ୍ ଓ ଯମୁନାକୁ ମିଶାଇ ଏବେ ୪୦ ଟି ମହାବଳ ଅଛନ୍ତି । ସେଥିମଧ୍ୟରୁ ୬ଟି ବାଘ ଶାବକ ଅଛନ୍ତି । ଶିମିଳିପାଳରେ ଥିବା ଆଡଲ୍ଟ ମହାବଳ ମଧ୍ୟରୁ ୧୩ଟି ପୁରୁଷ ମହାବଳ ଓ ୧୭ଟି ବାଘୁଣୀ ଅଛନ୍ତି । ସେହିପରି ୧୮ଟି କଳା ମହାବଳ ମଧ୍ୟରୁ ୯ଟି ପୁରୁଷ ଓ ୯ଟି କଳା ବାଘୁଣୀ ଅଛନ୍ତି । ଆଗାମୀ ୧୦ ବର୍ଷ ମଧ୍ୟରେ ଏହାର ସଂଖ୍ୟା ୧୦୦ ଛୁଇଁବା ଲକ୍ଷ୍ୟ ରଖିଛି ବନ ବିଭାଗ ।

## ପ୍ରୟୋଗ କ୍ଷେତ୍ର ଭାବେ ପରିଚିତ

ଏହା ସାରା ବିଶ୍ୱବାସୀଙ୍କ ପାଇଁ ପ୍ରୟୋଗ କ୍ଷେତ୍ର ଭାବେ ପରିଚୟ ସୃଷ୍ଟି କରିଛି । ଏଠାରେ ୧୦୭୬ ପ୍ରଜାତିର ବୃକ୍ଷଲତା, ୧୦୨ ପ୍ରକାର ଅର୍କିଡ଼, ୬୦୪ ପ୍ରକାର ଔଷଧୀୟ ବୃକ୍ଷ ସହିତ ବାଘ, ହାତୀ, ବଣମଇଁଷି, ସମ୍ବର, ହରିଣ, କୁଟୁରା, ଭାଲୁ, ଜଡ଼ନ୍ତା ଗୁଣ୍ଡୁଚି ମୂଷା, ମୟୂର, କୁମ୍ଭୀର ପରି ୫୫ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୩୦୪ ପ୍ରଜାତିର ପକ୍ଷୀ, ୬୨ ପ୍ରକାର ସରୀସୃପ ୨୦ ପ୍ରଜାତିର ଉଭୟଚର ପ୍ରାଣୀ ଓ ଅସଂଖ୍ୟ ପ୍ରଜାତିର କୀଟପତଙ୍ଗ ଦେଖିବାକୁ ମିଳେ ।



## ସୌନ୍ଦର୍ଯ୍ୟମୟୀ ଜଳପ୍ରପାତ

ଶିମିଳିପାଳରୁ ସୃଷ୍ଟି ହୋଇଛି ଭଣ୍ଡନ, ଖଡ଼ଖାଇ, ଦେଓ, ବୁଢ଼ାବଳଙ୍ଗ, ସାଳନ୍ଦୀ, ଠକଠକି, କାଳ, ସୋନ ଓ ଗଙ୍ଗାହାର ଆଦି ନଦୀ । ଏଥିପାଇଁ ରହିଛି ଅନେକ ଜଳପ୍ରପାତ ସହିତ ପର୍ଯ୍ୟଟନସ୍ଥଳୀ । ଯୋରନ୍ଦା, ବରେହିପାଣି, ଉସକି, ସୀତାକୁଣ୍ଡ, ଦେବକୁଣ୍ଡ, ଭୀମକୁଣ୍ଡ, ବ୍ରାହ୍ମଣକୁଣ୍ଡ, ମାଛକାନ୍ଦଣା, ଟୁଙ୍ଗି ଓ ଚାଉଳଭିଜା ଭଳି ଅନେକ ଜଳପ୍ରପାତ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ଏତଦ ଭିନ୍ନ ଲୁଲୁଙ୍ଗ, ଚହଲା, ବୃନ୍ଦାବନ, ନଅଣା, ସମୀବୃକ୍ଷ, ରାମତୀର୍ଥ, ତାଳବନ୍ଧ ଓ ମଞ୍ଜାବନ୍ଧା ଇକୋଟୁରିଜିମ କ୍ଷେତ୍ର ରହିଛି । ଦୁର୍ଗାପୂଜା ଛୁଟି ପାଖରୁ ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ପର୍ଯ୍ୟଟକ ଶିମିଳିପାଳକୁ ପ୍ରବେଶ ଅନୁମତି ରହିଥାଏ ।



## ବାଉଁଶ କୁଟୀର ବ୍ୟବସ୍ଥା




ଅଭୟାରଣ୍ୟ ଭିତରକୁ ପଲିଥିନ୍, ଆମିଷ, ମାଦକ ଦ୍ରବ୍ୟ ଏବଂ ବିସ୍ଫୋରକ ସାମଗ୍ରୀ ନେବାକୁ ଅନୁମତି ନାହିଁ । ରାତ୍ରିଯାପନ ପାଇଁ ଅନଲାଇନ୍ ବୁକିଂ ଜରିଆରେ ପର୍ଯ୍ୟଟକ ଚହଲା, ଲୁଲୁଙ୍ଗ, ବରେହିପାଣି, ଗୁଡ଼ଗୁଡ଼ିଆ, ରାମତୀର୍ଥ, ମଞ୍ଜାବନ୍ଧା, ଜାମୁଆଣି, ତାଳବନ୍ଧ ଓ କୁମାରୀରେ ବ୍ୟବସ୍ଥା ରହିଛି । ଆମୋଦ ପ୍ରମୋଦ ସହ ରାତ୍ରିରହଣି ପାଇଁ କୋର ଏରିଆର ଜାମୁଆଣି, କୁମାରୀ, ରାମତୀର୍ଥ, ଗୁଡ଼ଗୁଡ଼ିଆ, ବରେହିପାଣି ଆଦି ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ କୁଆଁରୀ ଗାଁ ନିକଟରେ ବାଉଁଶ କୁଟୀର ବ୍ୟବସ୍ଥା ମଧ୍ୟ କରାଯାଇଛି ।

## ଜଙ୍ଗଲ ସଫାରିର ମଜା

ସୁରକ୍ଷିତ ଭାବେ ପର୍ଯ୍ୟଟକ କିପରି ଜଙ୍ଗଲୀ ବନ୍ୟଜନ୍ତୁଙ୍କୁ ପାଖରୁ ଦେଖିପାରିବେ, ସେଥିପାଇଁ ବନବିଭାଗ ପକ୍ଷରୁ ସତନ୍ତ୍ର ରୁଟ୍ ପ୍ରସ୍ତୁତ କରାଯାଇଛି । ଜଙ୍ଗଲ ସଫାରୀ ଗାଡ଼ିରେ ପର୍ଯ୍ୟଟକ ମଜା ନେଇ ପାରିବେ । ଏଠାରେ କିଛି ଦୁଃସାହସିକ କ୍ରୀଡ଼ାକୁ ମଧ୍ୟ ସାମିଲ କରାଯାଇଛି । ଏହା ସହିତ ଅଭୟାରଣ୍ୟ ମଧ୍ୟରେ ସ୍ୱତନ୍ତ୍ର ଖାଦ୍ୟର ବ୍ୟବସ୍ଥା ଥିବାରୁ ପର୍ଯ୍ୟଟକଙ୍କୁ ଏହା ବେଶି ଆକର୍ଷିତ କରୁଛି

## ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ

ଶିମିଳିପାଳକୁ ଆସୁଥିବା ପର୍ଯ୍ୟଟକ ଖିଚିଂ କିଚକେଶ୍ୱରୀ ମନ୍ଦିର, କେସନା ପଥର ଶିଳ୍ପ ଗ୍ରାମ, ବାରିପଦା ଜଗନ୍ନାଥ ମନ୍ଦିର, ରାଜପ୍ରାସାଦ, ହରିପୁରଗଡ ଓ ମାଣତ୍ରୀ ଶୈବପୀଠ ବୁଲି ପାରିବେ । ■



# ଜଳପ୍ରପାତରାଣୀ କେନ୍ଦୁଝର

କେନ୍ଦୁଝରକୁ ପ୍ରକୃତି ଏବଂ ଜଳପ୍ରପାତ ରାଣୀ ବୋଲି କୁହାଯାଏ । ଏ ଜିଲ୍ଲାରେ ଅନେକ ସୌନ୍ଦର୍ଯ୍ୟମୟ ପର୍ଯ୍ୟଟନସ୍ଥଳୀ ଓ ଜଳପ୍ରପାତ ରହିଛି । କେନ୍ଦୁଝର ଜିଲ୍ଲାରେ ଥିବା ବିଭିନ୍ନ ମନୋରମ ପର୍ଯ୍ୟଟନ ପୀଠଗୁଡ଼ିକକୁ ବର୍ଷ ତମାମ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ । ସେଭଳି କିଛି ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ପର୍ଯ୍ୟଟନ ପୀଠକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

**ଶରତ ଦାସ, କେନ୍ଦୁଝର**

## କାଇଁଝର ଜଳପ୍ରପାତ

ଜିଲ୍ଲା ତଥା ରାଜ୍ୟର ସବୁଠାରୁ ପଛୁଆ ବ୍ଲକ୍ ଭାବେ ପରିଗଣିତ ବାଁଶପାଳ ବ୍ଲକରେ ରହିଛି ଅନ୍ୟ ଏକ ପ୍ରକୃତିପ୍ରଦତ୍ତ ଜଳପ୍ରପାତ । ଏହି ଜଳପ୍ରପାତଟିର ନାମ 'କାଇଁଝର ଜଳପ୍ରପାତ' । କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟଠାରୁ ୩୫ କିଲୋମିଟର ଦୂରରେ ଅବସ୍ଥିତ କାଇଁଝର ଜଳପ୍ରପାତ । ପ୍ରାକୃତିକ ପରିବେଶ ମଧ୍ୟରେ ପରିବେଷ୍ଟିତ ଏହି ଜଳପ୍ରପାତକୁ ସବୁବେଳେ ବଣଭୋଜି ପାଇଁ ପର୍ଯ୍ୟଟକଙ୍କ ସୁଅ ଛୁଟି ଥାଏ । ଖରାବର୍ଷା ସବୁବେଳେ ପର୍ଯ୍ୟଟକଙ୍କ ଭିଡ଼ ଏଠାରେ ଦେଖାଯାଏ । ମାତ୍ର ଶୀତଋତୁରେ ଏଠାକୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସୁଥିବା ଦେଖାଯାଏ ।



## ଟେଣ୍ଡେଇନାଳୀ ଜଳପ୍ରପାତ

କେନ୍ଦୁଝର ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ମଧ୍ୟରୁ ତେଲକୋଇ ବ୍ଲକ୍‌ର 'ଟେଣ୍ଡେଇନାଳୀ ଜଳପ୍ରପାତ' ଅନ୍ୟତମ । ପ୍ରାକୃତିକ ପରିବେଶ ମଧ୍ୟରେ ପରିପୂର୍ଣ୍ଣ ଟେଣ୍ଡେଇନାଳୀକୁ ବର୍ଷସାରା ଆଗନ୍ତୁକଙ୍କ ଭିଡ଼ ଲାଗି ରହିଥାଏ । କେନ୍ଦୁଝର ମୁଖ୍ୟାଳୟଠାରୁ ୬୦ କିଲୋମିଟର ଦୂରରେ ଅବସ୍ଥିତ ଟେଣ୍ଡେଇନାଳୀ । ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ସର୍ବଦା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଆସିଛି । ମାତ୍ର ଏହି ପର୍ଯ୍ୟଟନ କ୍ଷେତ୍ର ପ୍ରଚାର ପ୍ରସାରର ଅଭାବରୁ ଲୋକଲୋଚନ ଅଗୋଚରରେ ରହି ଯାଇଛି ।

## କାଇଯୋଡ଼ା ଜଳପ୍ରପାତ

କେନ୍ଦୁଝର ଜିଲ୍ଲାର ଝୁମ୍ପୁରା ବ୍ଲକ୍ ଅଞ୍ଚଳରେ ରହିଛି ଅନ୍ୟ ଏକ ସୁନ୍ଦର ଜଳପ୍ରପାତ 'କାଇଯୋଡ଼ା' । ଏହି ଜଳପ୍ରପାତର ମନୋରମ ପ୍ରାକୃତିକ ଦୃଶ୍ୟ ଉପଭୋଗ କରିବାକୁ ଖଣି ଅଞ୍ଚଳର ଶହ ଶହ ପର୍ଯ୍ୟଟକ ଛୁଟି ଆସିଥାନ୍ତି । ଏହା ଜିଲ୍ଲା ମୁଖ୍ୟାଳୟଠାରୁ ୭୨ କିଲୋମିଟର ଦୂରରେ ଅବସ୍ଥିତ । ଝୁମ୍ପୁରାଭଳି ପଛୁଆ ବ୍ଲକରେ ରହିଥିବା କାଇଯୋଡ଼ା ଜଳପ୍ରପାତର ଗମନାଗମନଠାରୁ ଆବଶ୍ୟକୀୟ ସୁବିଧା ନଥାଇ ମଧ୍ୟ ସେଠାରେ ଆଗନ୍ତୁକଙ୍କ ସଂଖ୍ୟା କମ୍ ନୁହେଁ । ଏହି ପର୍ଯ୍ୟଟନସ୍ଥଳୀର ଅଧିକ ବିକାଶ ହୋଇପାରିଲେ ଏହା ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନକ୍ଷେତ୍ର ଭାବେ ପରିଗଣିତ ହୋଇପାରିବ ।

## ଡାବରଚୁଆ ଡ୍ୟାମ୍

ପାଟଣା ବ୍ଲକ୍ ଅଞ୍ଚଳରେ ଥିବା ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକ ମଧ୍ୟରୁ 'ଡାବରଚୁଆ ଡ୍ୟାମ୍'ର ସ୍ୱତନ୍ତ୍ର ପରିଚୟ ରହିଛି । କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ୧୫ କିଲୋମିଟର ଦୂରରେ ଏହି ଡ୍ୟାମ୍‌ଟି ପାଟଣା ବ୍ଲକ୍ ଅଞ୍ଚଳରେ ଅବସ୍ଥିତ । ପ୍ରତିବର୍ଷ ଶୀତ ଋତୁରେ ଏହି ଡ୍ୟାମ୍‌କୁ ଭଳିକି ଭଳି ବିଦେଶଗତ ପକ୍ଷୀଙ୍କ ଆଗମନ ପର୍ଯ୍ୟଟକଙ୍କୁ ମନରେ ଆନନ୍ଦ ଖେଳାଇ ଦିଏ । ସବୁବେଳେ ଏଠାରେ ଏଠାରେ ଭୋଜିର ଆସର ଜମୁଥାଏ । ଏହି ଡ୍ୟାମରେ ବୁଲାବୁଲି କରିବାକୁ ଏହା ପର୍ଯ୍ୟଟକଙ୍କ ମନପସନ୍ଦର ସ୍ଥାନ । ଗମନାଗମନର ସୁବିଧା ସାଙ୍ଗକୁ ପର୍ଯ୍ୟଟକଙ୍କ ନିମନ୍ତେ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ସୁଧାର ହୋଇପାରିଲେ ଏହି କ୍ଷେତ୍ରଟିକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ପର୍ଯ୍ୟଟକ ଆସିବାରେ ସୁବିଧା ହୋଇପାରନ୍ତା । ଏଭଳି କେନ୍ଦୁଝର ଜିଲ୍ଲାରେ ଆହୁରି ଅନେକ ମନୋରମ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ରହିଛି । ■

## ଗିରିଡ଼ିବନ୍ଧ ଜଳପ୍ରପାତ

କେନ୍ଦୁଝର ଜିଲ୍ଲାର ଆଉ ଏକ ପର୍ଯ୍ୟଟନସ୍ଥଳୀ ହେଲା 'ଗିରିଡ଼ିବନ୍ଧ' ଜଳପ୍ରପାତ । ଏହି ଜଳପ୍ରପାତଟି ଆଦିମ ଜନଜାତି ଭୂୟାଁ ଜୁଆଙ୍ଗ ବହୁଳ ବାଁଶପାଳ ବ୍ଲକରେ ଅବସ୍ଥିତ । କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟଠାରୁ ମାତ୍ର ୧୪ କିଲୋମିଟର ଦୂରରେ ଅବସ୍ଥିତ ଗିରିଡ଼ିବନ୍ଧ ଜଳପ୍ରପାତକୁ କେବଳ ପର୍ଯ୍ୟଟକ ଆସି ନଥାନ୍ତି ବିଦେଶଗତ ପକ୍ଷୀଙ୍କ ମଧ୍ୟ ଆଗମନ ହୋଇଥାଏ । ସେଇଥିପାଇଁ ଶୀତଋତୁରେ ପ୍ରତିଦିନ ଏଠାକୁ ଶହଶହ ପର୍ଯ୍ୟଟକଙ୍କର ଆଗମନ ହୋଇଥାଏ । ପ୍ରାକୃତିକ ପରିବେଶ ମଧ୍ୟରେ ପରିପୂର୍ଣ୍ଣ ଏହି ପର୍ଯ୍ୟଟନସ୍ଥଳୀରେ ପ୍ରକୃତିକୁ ଉପଭୋଗ କରିବାକୁ ଅନେକ କିଛି ରହିଛି । ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ଅଧ ଘଣ୍ଟାର ରାସ୍ତା ହୋଇଥିଲେ ମଧ୍ୟ ଗମନାଗମନଠାରୁ ପର୍ଯ୍ୟଟନସ୍ଥଳର ବିକାଶ ହୋଇପାରିନାହିଁ ।



## ଦରଗୁଡ଼ିଶୀଳା'

କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି । ଏହି ସବୁ ପର୍ଯ୍ୟଟନସ୍ଥଳୀଗୁଡ଼ିକ ପ୍ରାକୃତିକ ପରିବେଶରେ ରହିଛି । ସେଭଳି ଏକ ପର୍ଯ୍ୟଟନସ୍ଥଳୀ 'ଦରଗୁଡ଼ିଶୀଳା' ଅଟେ । କେନ୍ଦୁଝର ମୁଖ୍ୟାଳୟଠାରୁ ୭୫ କିଲୋମିଟର ଦୂରରେ ଅବସ୍ଥିତ ଏହି ପର୍ଯ୍ୟଟନସ୍ଥଳଟି ଆନନ୍ଦପୁର ବ୍ଲକର ଅନ୍ୟତମ ମନୋରମସ୍ଥଳୀ ଭାବେ ଜଣାଶୁଣା । ବୃକ୍ଷଲତାର ସୌନ୍ଦର୍ଯ୍ୟ ମଧ୍ୟରେ ପ୍ରକୃତିରାଣୀ ଭରିଦେଇଛି ତାର ସମ୍ଭାର । ଏଭଳି ପର୍ଯ୍ୟଟନ କ୍ଷେତ୍ରର ସର୍ବବିଧ ଉନ୍ନୟନ ଜରୁରୀ ।







# ପ୍ରକୃତିର ନୈସର୍ଗିକ ଅବଦାନ

# 'ଦେଓଧର' ଜଳପ୍ରପାତ

ବ୍ରିଜେଶ ସାହୁ, ଦେବଗଡ଼


ପ୍ରାତନଗରୀ ଦେବଗଡ଼ ଜିଲ୍ଲାରେ ଅନେକ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ରହିଛି । ସେଥିମଧ୍ୟରୁ 'ଦେଓଧର ଜଳପ୍ରପାତ' ଅନ୍ୟତମ । ଦେବଗଡ଼ ଜିଲ୍ଲା ତିଳେଇବଣି ବ୍ଲକ୍ ଅନ୍ତର୍ଗତ ଚଟିବରଘାଟ - ଗୋହିରା ରାସ୍ତାର ଡାହାଣ ପାର୍ଶ୍ୱରେ ରହିଛି 'ଦେଓଧର' ଜଳପ୍ରପାତ । ପ୍ରାକୃତିକ ଶୋଭାରେ ପରିପୂର୍ଣ୍ଣ ଏହି ଜଳପ୍ରପାତ । ପଥର ଛାତିକୁ ଚିରି ପ୍ରବାହିତ ଜଳପ୍ରପାତର ସ୍ୱଚ୍ଛଜଳ ଉପରେ ସୂର୍ଯ୍ୟଙ୍କ କିରଣ ପ୍ରଭାବରେ ଇନ୍ଦ୍ରଧନୁର ଭ୍ରମ ସୃଷ୍ଟି କରିଥାଏ । ସେହିପରି ଝରଣା ତଳେ ଗଚ୍ଛିତ ନୀଳ ଜଳ ରାଶି ଗଭୀର ଗଣ୍ଡର ଭ୍ରମ ସୃଷ୍ଟି କରିଥାଏ । ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଥିବା ଏହି ଜଳପ୍ରପାତର ଝର୍ଝର ଶବ୍ଦ ସହ ପକ୍ଷୀଙ୍କ ରାବ ପର୍ଯ୍ୟଟକମାନଙ୍କ ମନ ଭିରେ ଅପୂର୍ବ ଶିହରଣ ସୃଷ୍ଟି କରିଥାଏ । ପ୍ରକୃତିର ଏହି ଅନନ୍ୟ ଉପହାର 'ଦେଓଧର' ଜଳପ୍ରପାତ ନିକଟକୁ ପହଞ୍ଚିବାକୁ ହେଲେ ତିଳେଇବଣି ବ୍ଲକ୍ ଅନ୍ତର୍ଗତ ଚଟିବରଘାଟ ଗ୍ରାମ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥଠାରୁ ଗୋହିରା ଜଳଭଣ୍ଡାର ରାସ୍ତାରେ ୨ କିମି ଯିବା ପରେ ରାସ୍ତାର ଡାହାଣ କଡ଼କୁ ମାତ୍ର ୨୦୦ ମିଟର ଗଲେ ଏହି ପର୍ଯ୍ୟଟନ ସ୍ଥଳୀ ଅବସ୍ଥିତ । ପ୍ରତ୍ୟେକ ବର୍ଷ ନଭେମ୍ବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆସି ପ୍ରକୃତିକୁ ଉପଭୋଗ କରିଥାନ୍ତି । ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି ଏହି ଅପୂର୍ବ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ । ବଣଭୋଜି ପାଇଁ ଆସୁଥିବା ଲୋକମାନଙ୍କ ସୁବିଧା ପାଇଁ ଏଠାରେ ବନ ବିଭାଗ ପକ୍ଷରୁ କିଛି ପିଣ୍ଡି ନିର୍ମାଣ କରାଯାଇଛି । ପର୍ଯ୍ୟଟକମାନେ ଦେଓଧରକୁ ପ୍ରକୃତିର ନୈସର୍ଗିକ ଅବଦାନ ବୋଲି ଅଭିହିତ କରିଥାନ୍ତି । ଏଠାକୁ ଆସିଲେ ଆତ୍ମ ସନ୍ତୋଷ ମିଳୁଥିବା ପର୍ଯ୍ୟଟକମାନେ କହନ୍ତି ।



## ଚିରସ୍ରୋତା 'କୁନ୍ତୁରୁଘାଗି' ଜଳପ୍ରପାତ

ଦେବଗଡ଼ ଜିଲ୍ଲା ତିଳେଇବଣି ବ୍ଲକ୍ ଝରାଗୋଗୁଆ ପଞ୍ଚାୟତ ଅନ୍ତର୍ଗତ ଫୁଲପଥର ଗ୍ରାମ ନିକଟରେ ରହିଛି ଚିରସ୍ରୋତା ଜଳପ୍ରପାତ 'କୁନ୍ତୁରୁଘାଗି' । ଜିଲ୍ଲା ସଦର ମହକୁମାଠାରୁ ୨୮ କିମି ଦୂରରେ ଅବସ୍ଥିତ ଏହି ଜଳପ୍ରପାତ । ଏଠାକୁ ଯିବାକୁ ହେଲେ ଦେବଗଡ଼ – ସମ୍ବଲପୁର ୪୯ ନମ୍ବର ଜାତୀୟ ରାଜପଥର କୈଳାସ ଛକଠାରୁ ପୂର୍ବ ବିଭାଗର କୈଳାସ - ଲଇମୁରା ରାସ୍ତା ଦେଇ ଗଇଲୋ ଘାଟି ପାରି ହେବା ପରେ ଗଇଲୋ ଗ୍ରାମରୁ ୨ କିମି ଦୂର ଫୁଲପଥର ଗ୍ରାମ ମଧ୍ୟକୁ ପ୍ରବେଶ କରିବାକୁ ପଡ଼ିଥାଏ । ଉକ୍ତ ଗ୍ରାମରୁ କିଛି

ବଣ ପାହାଡ଼ ଘେରା ଦେବଗଡ଼ ଜିଲ୍ଲାରେ ପ୍ରକୃତିର ଉପହାର ସ୍ୱରୂପ ବୋହି ଯାଉଛି ଅନେକ ଝରଣା । ପ୍ରକୃତିର ଏଭଳି ଶୋଭାରାଜି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଆସିଛି ଆଜି ପର୍ଯ୍ୟନ୍ତ । ତେବେ ଜିଲ୍ଲାର ଅନେକ ପର୍ଯ୍ୟଟନ ସ୍ଥଳ ସରକାର ଓ ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି । ସେଥିମଧ୍ୟରୁ 'କୁନ୍ତୁରୁଘାଗି' ଜଳପ୍ରପାତ ଅନ୍ୟତମ ।



ବାଟ ଜଙ୍ଗଲିଆ ପାଦଚଲା ରାସ୍ତା ଅତିକ୍ରମ କରିବା ପରେ ଦେଖାଯାଇଥାଏ ଏହି ଜଳପ୍ରପାତ । ପ୍ରକୃତିର କୋଳରେ କାହିଁ କେଉଁ ଆବାହମାନ କାଳରୁ ଅନବରତ ଝରୁଥିବା ଶୀତଳ ଅମୃତଧାରା ସେଠାକୁ ପହଞ୍ଚୁଥିବା ପର୍ଯ୍ୟଟକଙ୍କ ତୃଷା ନିବାରଣ କରି ମନରେ ଭରି ଦେଇଥାଏ ଅପୂର୍ବ ଶାନ୍ତି । ଏହି ଜଳପ୍ରପାତର ବିଶେଷତ୍ୱ ହେଉଛି ଏହା ଏକ ପାହାଡ଼ ଗୁମ୍ଫା ମଧ୍ୟରେ ରହିଛି । ପାହାଡ଼ର ଚାରି କାନ୍ଥ ମଧ୍ୟରୁ ସାମ୍ନା ପଟରେ ଦ୍ୱାର ସଦୃଶ ରହିଥିବା ବେଳେ ଉପର ପଟରୁ ଝରଣାର ସ୍ୱଚ୍ଛଜଳ ଧାରା ସହ ଖୋଲା ଆକାଶରୁ ସୂର୍ଯ୍ୟଙ୍କ କିରଣ ଗୁମ୍ଫା ମଧ୍ୟରେ ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଥାଏ । ଏହା ସତେ ଯେପରି ପ୍ରକୃତିରାଣୀର ପ୍ରାକୃତିକ ଗାଧୁଆ ଘରର ଭ୍ରମ ସୃଷ୍ଟି କରିଥାଏ । ସେହିପରି ଝରଣାର ଉପର ଭାଗରେ ତିନି ସ୍ତରରେ ଝରଣାର ଜଳରାଶି ପ୍ରବାହିତ ହୋଇ ଶେଷରେ ଗୁମ୍ଫା ମଧ୍ୟରେ ଝରିଥାଏ । ତେବେ ଏଭଳି ଏକ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳକୁ ସଂଯୋଗ କରୁଥିବା ରାସ୍ତାର ସୂଚନା ଫଳକ ନଥିବାରୁ ଏଠାକୁ ଆସୁଥିବା ପର୍ଯ୍ୟଟକ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଅନ୍ୟପକ୍ଷରେ ଉକ୍ତ ଅଞ୍ଚଳରେ ଟେଲି ଯୋଗାଯୋଗର ସୁବିଧା ନଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ପର୍ଯ୍ୟଟକ ଗୁଗୁଲ୍ ମ୍ୟାପ୍ ଜରିଆରେ କୁନ୍ତୁରୁ ଜଳପ୍ରପାତ ନିକଟକୁ ପହଞ୍ଚିବାକୁ ପ୍ରୟାସ କରି ବିଫଳ ହେଉଛନ୍ତି । ତେବେ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇନଥିବା ଏହି କୁନ୍ତୁରୁ ଜଳପ୍ରପାତ ପ୍ରତି ଜିଲ୍ଲା ପ୍ରଶାସନ ସହ ରାଜ୍ୟ ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେଇ ଏହାର ଉନ୍ନତିକରଣ କାର୍ଯ୍ୟ ହାତକୁ ନେଲେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ବାଟ ଫିଟିବ ବୋଲି ଅଞ୍ଚଳବାସୀ କହନ୍ତି ।



# ବାଲେଶ୍ୱରର ଇକୋ ଟୁରିଜିମ୍





ଭୌଗୋଳିକ ଦୃଷ୍ଟିକୋଣରୁ ବାଲେଶ୍ୱର ଜିଲ୍ଲା ଇକୋ ଟୁରିଜିମ୍ (ପ୍ରାକୃତିକ ପର୍ଯ୍ୟଟନ)ର ଗନ୍ତାଘର । ଏଠାରେ ଉଭୟ ବେଳାଭୂମି ପର୍ଯ୍ୟଟନ ଓ ପ୍ରାକୃତିକ ଜଙ୍ଗଲ ପର୍ଯ୍ୟଟନର ଅପାର ସୁଯୋଗ ରହିଛି । ବିଶେଷକରି ବଡ଼ଦିନ ଓ ନୂଆବର୍ଷରେ ଏଠାକୁ ପର୍ଯ୍ୟଟକମାନଙ୍କ ସୁଅ ଛୁଟେ । ଏଠାରେ ମଜା ନେବା ପାଇଁ ଏବେ ବିଭିନ୍ନ ଇକୋ ଟୁରିଜିମ ସ୍ପଟ୍‌ରେ ଟେଣ୍ଟ କଟେଜ୍, ନେଚର୍ କ୍ୟାମ୍ପ, କଟେଜ୍ ହୋଟେଲ ଆଦି ସଜେଇ ହେଲାଣି । ଅଧିକାଂଶ ଇକୋ ଟୁରିଜିମ୍ ସ୍ପଟ୍‌ରେ ଅଗ୍ରିମ ବୁକିଂ ଚାଲିଥିବା ବେଳେ ପର୍ଯ୍ୟଟକଙ୍କ ମଧ୍ୟରେ ଉତ୍ସାହ ବଢ଼ି ଚାଲିଛି । ତେବେ ବାଲେଶ୍ୱରରେ ଥିବା କେତେକ ପ୍ରସିଦ୍ଧ ଇକୋ ଟୁରିଜିମ୍ ସ୍ପଟ୍‌କୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

**ଅସୀମ ମହାପାତ୍ର, ବାଲେଶ୍ୱର**

## ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ଦୁବଲାଗଡ଼ି ଇକୋ କଟେଜ୍

ବେଳାଭୂମିର ସୁନୀଳ ଜଳରାଶି, ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ଓ ଝାଉଁ ବଣ ଭିତରେ ଟେଣ୍ଟ କଟେଜ୍‌ରେ ରାତ୍ରୀଯାପନର ମଜା ଉଠାଉଛନ୍ତି ପର୍ଯ୍ୟଟକ । ଯେଉଁଠି ସୂର୍ଯ୍ୟ ଉଦୟ ଓ ସୂର୍ଯ୍ୟାସ୍ତର ମଜା ନିଆରା । ଶୀତୁଆ ସନ୍ଧ୍ୟାରେ ଟ୍ରେଣ୍ଡିଂ ମ୍ୟୁଜିକ୍‌ର ତାଳେ ତାଳେ ବନ୍ ଫାୟାର ଓ ବାରବିକ୍ୟୁର ମଜା ବି ଲୋକେ ଉଠାଉଛନ୍ତି ।

ବାଲେଶ୍ୱର ସହରଠାରୁ ମାତ୍ର ୩୫ କିଲୋମିଟର ଦୂରରେ ରହିଛି ବଗଦା ବେଳାଭୂମି । ସହରର ଜନଗହଳିପୂର୍ଣ୍ଣ ବାତାବରଣ ତଥା ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରୁ ବାହାରି ମନକୁ ଟିକେ ହାଲକା କରିବା ପାଇଁ ବଗଦା ବେଳାଭୂମିର ଶାନ୍ତ ପରିବେଶ ଖୋରାକ ଯୋଗାଇଥାଏ । ବାଲେଶ୍ୱର ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ବାହାବଳପୁର ପଞ୍ଚାୟତ ଦୁବଲାଗଡ଼ିରେ ରହିଛି ବଗଦା ବେଳାଭୂମି । ଏଠାକାର ବିଶାଳ ଓ ସୁଦୀର୍ଘ ବେଳାଭୂମି, ଘଞ୍ଚ ଝାଉଁ ବଣ, ବାଲିବନ୍ତ ଏବଂ ସୂର୍ଯ୍ୟାସ୍ତର ଦୃଶ୍ୟ ବେଶ୍ ମନଲୋଭା ଓ ଅଭୁଲା । ବଗଦା ବେଳାଭୂମିରେ ରହିବା ଓ ଖାଇବା ବ୍ୟବସ୍ଥା ପାଇଁ ଘରୋଇ ଭାବେ ଟେଣ୍ଟ୍ ହାଉସ୍ ଓ କଟେଜ୍ ବା କୁଡ଼ିଆଘର (ଚାଳଘର)ର ମଧ୍ୟ ବ୍ୟବସ୍ଥା କରାଯାଇଛି । ଲୋକେ ଟେଣ୍ଟ ହାଉସ୍ ନ ହେଲେ କଟେଜ୍‌ରେ ରହି ସେଠାକାର ପରିବେଶକୁ ଉପଭୋଗ କରିପାରିବେ ।

ଦୁବଲାଗଡ଼ି ଇକୋ ଟୁରିଜିମକୁ ଏକ ପ୍ରସିଦ୍ଧ ହଲିଡେ ଡେଷ୍ଟିନେସନ୍‌ରେ ପରିଣତ କରିବାକୁ ଛଅ ଜଣ ମିଶି 'ମାଇଁ ଇକୋ କ୍ୟାମ୍ପ୍' ଆରମ୍ଭ କରିଥିଲେ । ବଗଦା ବେଳାଭୂମି ନିକଟରେ ଚାରି ବର୍ଷ ହେବ ଟେଣ୍ଟ ଏବଂ କଟେଜ୍ ବ୍ୟବସ୍ଥା କରାଯାଇଛି । ଏବେ ସମସ୍ତ କଟେଜ୍ ନୂଆ ରୂପରେ ସଜେଇ ହୋଇଛି ବୋଲି 'ମାଇଁ ଇକୋ କ୍ୟାମ୍ପ'ର ଏମ୍‌ଡି ରାମଚନ୍ଦ୍ର ସାମନ୍ତ କହନ୍ତି । ଏହି ବେଳାଭୂମିକୁ ଲୋକାଦୃତ କରିବା ପାଇଁ ଚେଷ୍ଟା କରିଥିବା ସେ କହିଛନ୍ତି । ତେବେ www.myecocamp.in କୁ ଯାଇ ଏବାବଦରେ ସବିଶେଷ ତଥ୍ୟ ପାଇପାରିବେ ଏବଂ ବୁକ୍ ମଧ୍ୟ କରିପାରିବେ ।

## କ'ଣ ବ୍ୟବସ୍ଥା ରହିଛି

ବଗଦା ବେଳାଭୂମି ନିକଟରେ ଥିବା 'ମାଇଁ ଇକୋ କ୍ୟାମ୍ପ'ରେ କଟେଜ୍ ସହ ଟେଣ୍ଟ ରହିଛି । ପ୍ରିମିୟମ, ଡିଲକ୍ସ, ଫ୍ୟାମିଲି ଗ୍ରୁପ୍ କଟେଜ୍ ଆଦି ରହିଛି । ଏଥିସହ ଟେଣ୍ଟର ବ୍ୟବସ୍ଥା ରହିଛି । ତେବେ ଜଣେ ଏସବୁ କୌଣସି କଟେଜ୍ ବା ଟେଣ୍ଟ ବୁକ୍ କଲେ ସେଥିରେ ଓ୍ୱେଲକମ୍ ଡ୍ରିଙ୍କ୍, ମଧ୍ୟାହ୍ନ ଭୋଜନ, ଇଭିନିଙ୍ଗ୍ ସ୍ନାକସ୍, ଡିନର୍, ସକାଳ ଚା' ଏବଂ ଜଳଖିଆ ମଧ୍ୟ ସାମିଲ ରହିଛି । ଏଥିସହ ନିଜ ପସନ୍ଦର ଅର୍ଡର କରିପାରିବେ । ଖାଇବାରେ ମାଛ, ଚିକେନ୍, କଙ୍କଡ଼ା, ଅଣ୍ଡା ସହ ନିଜ ଇଚ୍ଛାରେ ଖାଦ୍ୟ ଅର୍ଡର ଦେଇପାରିବେ ।


## କେମିତି ପହଞ୍ଚିବେ

ଭୁବନେଶ୍ୱର କିମ୍ବା କଲିକତାରୁ ବାଲେଶ୍ୱରକୁ ଟ୍ରେନ୍, ବସ୍ କିମ୍ବା ନିଜସ୍ୱ ଗାଡ଼ିରେ ଯାଇପାରିବେ । ବାଲେଶ୍ୱର ସହରର ବସ୍‌ଷ୍ଟାଣ୍ଡ କିମ୍ବା ରେଳ ଷ୍ଟେସନରେ ଓହ୍ଲାଇବା ପରେ ବେଳାଭୂମିକୁ ଅଟୋ, ଟ୍ୟାକ୍ସି ଆଦି ଭଡ଼ା କରି ଯାଇପାରିବେ । ନଚେତ ନିଜସ୍ୱ ଗାଡ଼ିରେ ଆସିଥିଲେ ଏକାଥରେ ବଗଦା ବେଳାଭୂମିରେ ପହଞ୍ଚି ପାରିବେ । ବାଲେଶ୍ୱରରୁ ହଳଦିପଦା, ସେଠାରୁ ସୋଲପଟା ଏବଂ ହନୁମାନ ଛକ ପରେ ବଗଦା ବେଳାଭୂମିରେ ପହଞ୍ଚିହେବ ।

## କୁଳଡ଼ିହା ଅଭୟାରଣ୍ୟରେ ପ୍ରସିଦ୍ଧ ଇକୋ ଟୁରିଷ୍ଟ କ୍ୟାମ୍ପ୍

ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ରହିଛି କୁଳଡ଼ିହା ଅଭୟାରଣ୍ୟ। ଯାହାର ପରିସୀମା ୨୭୨.୭୫ ବର୍ଗ କିଲୋମିଟର। ପୂର୍ବଘାଟ ପର୍ବତମାଳାର ଶିମିଳିପାଳ ଜାତୀୟ ଅଭୟାରଣ୍ୟ ସହ ସଂଯୁକ୍ତ। ୧୯୮୪ ମସିହା ଜାନୁଆରୀ ୪ ତାରିଖରେ ସରକାର କୁଳଡ଼ିହାକୁ ଅଭୟାରଣ୍ୟ ଭାବେ ଘୋଷଣା କରିଥିଲେ। ଯାହାକି ମୟୂରଭଞ୍ଜ ଏଲିଫେଣ୍ଟ ରିଜର୍ଭ ଅନ୍ତର୍ଗତ। ଏଠାକୁ ପ୍ରତ୍ୟେକ ବର୍ଷ ପ୍ରାକୃତିକ ମନୋରମ ପରିବେଶ ଉପଭୋଗ କରିବା ପାଇଁ ହଜାର ହଜାର ପର୍ଯ୍ୟଟକମାନଙ୍କ ସୁଅ ଛୁଟିଥାଏ। ପ୍ରକୃତିର କୋଳରେ ପର୍ଯ୍ୟଟକମାନେ ପଶୁପକ୍ଷୀଙ୍କ ଚଳପ୍ରଚଳ ସହ ବିଭିନ୍ନ ପ୍ରକାର ପକ୍ଷୀଙ୍କ କିଚିରି ମିଚିରି ଶବ୍ଦର ମଜା ନିଅନ୍ତି। ଏହା ମାଧ୍ୟମରେ କୁଳଡିହା ଅଭୟାରଣ୍ୟ ଜୀବନ୍ତ ହୋଇ ଉଠେ। ସେହିପରି ଝରଣାର କୁଳୁକୁଳୁ ନାଦରେ ହଜି ଯାଆନ୍ତି ପ୍ରକୃତିପ୍ରେମୀ। ଅଭୟାରଣ୍ୟ ଭିତରେ ଥିବା ଜଳଭଣ୍ଡାରରେ ବୋଟିଂର ମଜା ନେବା ସହିତ ନେଚର କ୍ୟାମ୍ପରରେ ପର୍ଯ୍ୟଟକମାନେ ରାତ୍ରୀଯାପନ କରିବାର ମଜା ନେଇଥାନ୍ତି ।

କୁଳଡ଼ିହା ଅଭୟାରଣ୍ୟ ଭିତରକୁ ଯିବା ପାଇଁ ପର୍ଯ୍ୟଟକଙ୍କୁ ଟିକେଟ୍ କରିବାକୁ ପଡ଼େ । ତେବେ ଏହି ଟିକେଟ୍ ଅଲଲାଇନ୍ କିମ୍ବା ସିଧାସଳଖ ନୀଳଗିରି ବନାଞ୍ଚଳ କାର୍ଯ୍ୟାଳୟରେ କରାଯାଇ ପାରିବ। ପର୍ଯ୍ୟଟକମାନେ ଅଭୟାରଣ୍ୟ ଭିତରକୁ କେବଳ ଚାରିଚକିଆ ଗାଡ଼ିରେ ହିଁ ଯାଇପାରିବେ। ବନ ବିଭାଗ ପକ୍ଷରୁ ପ୍ରଶିକ୍ଷିତ ଗାଇଡ୍‌ଙ୍କ ବ୍ୟବସ୍ଥା ମଧ୍ୟ ରହିଛି। ମାଂସକୁ ଛାଡ଼ି ଅନ୍ୟ ଖାଦ୍ୟ ସାମଗ୍ରୀ ଓ ପାଣି ଅଭୟାରଣ୍ୟ ଭିତରକୁ ନିଆଯାଇପାରିବ। ଅଭୟାରଣ୍ୟ ଭିତରେ ଖାଦ୍ୟ ମିଳେ ନାହିଁ। ତେବେ ବିଶ୍ରାମ ପାଇଁ ବିଟ୍ ହାଉସ ଏବଂ ସେଠାରେ ପିଇବା ପାଣି ସୁବିଧା ରହିଛି। କୁଳଡ଼ିହା ଅଭୟାରଣ୍ୟରେ ୨୫୦ରୁ ଅଧିକ ପ୍ରଜାତିର ପକ୍ଷୀ ଥିବା ବେଳେ ସେମାନଙ୍କୁ ମଧ୍ୟ ଦେଖିବାର ସୁଯୋଗ ପାଇ ପାରିବେ ବୋଲି କୁଳଡ଼ିହାର ସୁନାମଧନ୍ୟ ଟୁରିଷ୍ଟ ଗାଇଡ୍ ତଥା ପଶୁପକ୍ଷୀ ବିଶେଷଜ୍ଞ ମନୋରଞ୍ଜନ ଦାସ କହନ୍ତି । ତେବେ ପଶୁପକ୍ଷୀଙ୍କୁ ଦେଖିବା ପାଇଁ କୁଳଡ଼ିହା, ଜଡ଼ାଚୁଆ, ଗୋହିରାଭୋଳ, ପୁରୁଣାପାଣିର ୪ଟି ବଡ଼ ୱାଚ୍ ଟାୱାର ରହିଛି। ପର୍ଯ୍ୟଟକମାନେ ଚେମଚେଟାରେ ବିସ୍ତୃତ ଘାସପଡ଼ିଆ, ଗଡ଼ସିମୁଳିଆରେ ସୁଉଚ୍ଚ ପାହାଡ଼ର ମଜା ମଧ୍ୟ ଉଠାଇପାରିବେ। ସେହିପରି ଚିତ୍ତବିନୋଦନ ପାଇଁ ରିସିଆରେ ବୋଟିଂର ମଧ୍ୟ ମଜା ପର୍ଯ୍ୟଟକ ନେଇ ପାରିବେ। ଅନ୍ୟପଟେ କୁଳଡ଼ିହାରେ ସବୁଠାରୁ ଆକର୍ଷଣ ହେଉଛି ନେଚର୍ କ୍ୟାମ୍ପ। ଯେଉଁ ପର୍ଯ୍ୟଟକମାନେ କୁଳଡ଼ିହାରେ ରାତ୍ରିରହଣି ପାଇଁ ଚିନ୍ତା କରୁଛନ୍ତି, ସେମାନେ ଏଠାରେ ପ୍ରସ୍ତୁତ ୯ଗୋଟି ନେଚର୍ କ୍ୟାମ୍ପରେ ଅବସ୍ଥାନ କରିପାରିବେ। ଗୋଟିଏ କ୍ୟାମ୍ପରେ ଦୁଇ ଜଣ ରହିବାର ବ୍ୟବସ୍ଥା ରହିଛି। ତେବେ ଏଥିପାଇଁ କ୍ୟାମ୍ପ୍ ପ୍ରତି ଟଙ୍କା ଦେବାକୁ ପଡ଼ିଥାଏ। ଯେଉଁଥିରେ ରହିବା ସହିତ ମାଛ, ଅଣ୍ଡା, ପନିର, ଡାଲି ସହିତ ଅନ୍ୟ ସବୁଜ ପନିପରିବା ତରକାରୀ ଖାଇବାର ସୁବିଧା ରହିଛି। ନେଚର୍ କ୍ୟାମ୍ପରେ ରହିବା ପାଇଁ ଅନଲାଇନ୍ ବୁକିଂ ସହିତ ନୀଳଗିରିରେ ଥିବା କୁଳଡ଼ିହା ଅଫିସ୍‌ରେ ଅଗ୍ରିମ ବୁକିଂ ହୋଇଥାଏ।



### କେମତି ପହଞ୍ଚିବେ

ଭୁବନେଶ୍ୱରରୁ ବାଲେଶ୍ୱର ପଟେ ୨୦୦ କିମି ଆସିବା ପରେ କିମ୍ବା କୋଲକାତାରୁ ୨୫୦ କିମି ଆସିଲେ ବାଲେଶ୍ୱରରେ ପହଞ୍ଚିବା ପରେ ସେଠାରୁ ମାତ୍ର ୨୮ କିମି ପରେ ନୀଳଗିରିର କୁଳଡ଼ିହା ଅଭୟାରଣ୍ୟର ପ୍ରବେଶ ପଥ ରହିଛି।





## ଉଦୟପୁର-ତାଳସାରି ବେଳାଭୂମି ଓ ବିଚିତ୍ରପୁର ନେଚର୍ କ୍ୟାମ୍ପ





ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ରୂପେ ପରିଗଣିତ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ର ଉଦୟପୁର-ତାଳସାରି ଓ ବିଚିତ୍ରପୁର ବେଳାଭୂମି। ଏହି ପର୍ଯ୍ୟଟନ ସ୍ଥଳୀ ବାଲେଶ୍ୱର ସହରରୁ ପ୍ରାୟ ୧୦୦ କିଲୋମିଟର ଦୂର ହୋଇଥିବା ବେଳେ ଏହାକୁ ୫୭ ନମ୍ବର ରାଜ୍ୟ ରାଜପଥ ସଂଯୋଗ କରୁଛି। ସେହିପରି ପଶ୍ଚିମବଙ୍ଗ କୋଲକାତା ସହରରୁ ୨୦୦ କିଲୋମିଟର ଦୂରରେ ଅବସ୍ଥିତ ମନୋରମ ବେଳାଭୂମି । ଶୀତ ଋତୁ ଆରମ୍ଭ ହେବା ମାତ୍ରେ ବଣଭୋଜି କରିବା ଓ ପ୍ରାକୃତିକ ପରିବେଶର ମଜା ନେବାକୁ ଆସନ୍ତି ପର୍ଯ୍ୟଟକ ।

ଉଦୟପୁର-ତାଳସାରିର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଆସୁଥିବା ପର୍ଯ୍ୟଟକଙ୍କ ରହଣି ପାଇଁ ହୋଟେଲର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଓଡ଼ିଶା ଓ ପଶ୍ଚିମବଙ୍ଗର ହୋଟେଲ ବ୍ୟବସାୟୀ ଏହି ଅଞ୍ଚଳରେ ହୋଟେଲ କରିଛନ୍ତି | ସରକାରଙ୍କ ପକ୍ଷରୁ କେବଳ ଗୋଟିଏ ପାନ୍ଥନିବାସ ରହିଛି । ଫଳରେ ପର୍ଯ୍ୟଟକମାନେ କେବଳ ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ କରି ନିକଟରେ ଥିବା ପଶ୍ଚିମବଙ୍ଗର ଦୀଘା ସହରକୁ ଫେରିଯାନ୍ତି ।


ଏଠାର ଅନ୍ୟତମ ଆକର୍ଷଣ ହେଉଛି ବିଚିତ୍ରପୁର ଇକୋ ଟୁରିଜିମ୍ । ବଙ୍ଗୋପସାଗର କୂଳ ଓ ସୁବର୍ଣ୍ଣରେଖା ନଦୀ ଅବବାହିକାରେ ଥିବା ବୈଚିତ୍ର୍ୟଭରା ମନୋରମ ବେଳାଭୂମି ସହିତ ସଂଲଗ୍ନ ପ୍ରାୟ ୧୦୦ ହେକ୍ଟରରୁ ଅଧିକ ପରିମିତ ବନି ହେନ୍ତାଳ ବଣକୁ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରତିଷ୍ଠା ହୋଇଛି ଇକୋ ଟୁରିଜିମ୍ ପ୍ରକଳ୍ପ । ଏଠାରେ ନିର୍ମିତ ହୋଇଥିବା ପର୍ଯ୍ୟଟକଙ୍କ ରହଣି ପାଇଁ ୪ଟି କଟେଜ୍ ଓ ୬ଟି ତମ୍ବୁରେ ରାତ୍ରିଯାପନ ବ୍ୟବସ୍ଥା ଥିବା ବେଳେ ସମୁଦ୍ର ସହିତ ସଂଯୋଗ କରୁଥିବା ଏହି ଚ୍ୟାନେଲରେ ନୌବିହାର ସୁବିଧା ମଧ୍ୟ ରହିଛି। ଏହି କଟେଜ୍‌ଗୁଡ଼ିକକୁ ଲୋକେ ଅନଲାଇନ୍‌ରେ ବୁକିଂ କରିପାରିବେ। ଗୋଟିଏ କଟେଜରେ ଦୁଇ ଜଣ ରହିବା ସହିତ ପ୍ରତ୍ୟେକ ୪ ହଜାର ୩ଶହ ଟଙ୍କା ମୂଲ୍ୟ ସାଙ୍ଗକୁ ଚାରି ଓଳି ଖାଇବା ଓ ବୋଟିଂ ବ୍ୟବସ୍ଥାର ସୁବିଧା ରହିଛି। ତା' ସହିତ ଏହାର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ବନ ସୁରକ୍ଷା କମିଟି ଓ ବନବିଭାଗ ଦାୟିତ୍ୱରେ ଅଛନ୍ତି। ■







# ପ୍ରକୃତିର ମନୋରମ ଉପତ୍ୟକା ସୁନାବେଢ଼ା

ଘନଶ୍ୟାମ ଭୋଇ , ନୂଆପଡ଼ା







ସମୁଦ୍ର ପଉନରୁ ତିନି ହଜାର ଫୁଟ ଉଚ୍ଚରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ସୁନାବେଢ଼ା ଅଭୟାରଣ୍ୟ ନୂଆପଡ଼ା ଜିଲ୍ଲା ପର୍ଯ୍ୟଟନ ମାନଚିତ୍ରରେ ସତନ୍ତ୍ର ସ୍ଥାନ ଅଧିକାର କରିଛି । ସୁନାବେଢ଼ା ଅଭୟାରଣ୍ୟ ଛତିଶଗଡ଼ ଏବଂ ଓଡ଼ିଶା ରାଜ୍ୟକୁ ପାଚେରୀ ସଦୃଶ୍ୟ ଛିଡ଼ା ହୋଇ ରହିଛି । ୬ ଶହ ବର୍ଗ କିମି ଆୟତନ ବିଶିଷ୍ଟ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଏହି ଉପତ୍ୟକା । ବିରାଟ ଗିରି ଶୃଙ୍ଗ ମୁକୁଟ ପରି ଶୋଭା ପାଉଥିବା ବେଳେ ୧୧ଟି ଛୋଟ ବଡ଼ ଜଳପ୍ରପାତ ପର୍ଯ୍ୟଟକଙ୍କ ମନମୋହି ନେଉଛି । ସତେ ଯେମିତି ଲାଗେ ପ୍ରକୃତିରାଣୀ ତା'ର ପଣତକୁ ଖୋଲି ଦେଇ ବସିଛି । ସୁନାବେଢ଼ା ଉପତ୍ୟକାର ଇତିହାସର ମୂକସାକ୍ଷୀ ହେଉଛି ମାରାଗୁଡ଼ା ଉପତ୍ୟକା । ରଏତାଲ ସାଗର ପକ୍ଷୀ ବିହାର, ଜୁମଲାଗଡ଼ ଦୁର୍ଗ ଓ ମାରାଗୁଡ଼ା ଉପତ୍ୟକା ଭଳି ଐତିହାସିକ ସ୍ଥାନ, ସୁନାଦେଇ ମନ୍ଦିର, ରାଣୀ ମୁହାଁସ ଓ ବାମନଗିରି ଭଳି ଧାର୍ମିକ ପୀଠ ରହିଛି ଏହି ଉପତ୍ୟକାରେ । ସେହିପରି ଗୋଧସ, ବେନିଆଧସ, ଖରଲଧସ, ରୁପିଆମ ଭଳି ୧୧ଟି ଜଳପ୍ରପାତ ସୁନାବେଢ଼ା ଉପତ୍ୟକାର ପ୍ରାକୃତିକ ଶୋଭା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି ।

## ଐତିହାସିକ ସ୍ଥଳ

ଇତିହାସର ମୂକସାକ୍ଷୀ ଐତିହାସିକ ମାରାଗୁଡ଼ା, ଜୁମଲାଗଡ଼ ଦୁର୍ଗ ଏବେ ଧ୍ୱଂସାଭିମୁଖୀ । ତେବେ ଏବେ ମଧ ମାରାଗୁଡ଼ା ଓ ଜୁମଲାଗଡ଼ର ଧ୍ୱଂସାବଶେଷକୁ ଦେଖିଲେ ଲାଗେ ସେହି ସମୟରେ ନଗର ଓ ପ୍ରସାଦ ନିର୍ମାଣ ଶୈଳୀ କେତେ ଉଚ୍ଚକୋଟୀର ଥିଲା । ଖରଲଧସଠାରୁ ଶହେ ମିଟର ଦୂରରେ ରହିଛି ଜୁମଲାଗଡ଼ ଦୁର୍ଗ। ଏହି ଗଡ଼ର ଦ୍ୱାର ପୂର୍ବ ଦିଗରେ ରହିଛି । ଚାରି ପାଖେ ପୋଡ଼ା ଇଟାର ବଡ଼ ବଡ଼ ପାଚେରୀ ରହିଛି । ପ୍ରସାଦର ସୁରକ୍ଷା ଦୃଷ୍ଟିରୁ ଏହି ପାଚେରୀ ଦିଆଯାଇଥବା ଅନୁମାନ କରାଯାଏ । ଭିତରେ ଥିବା ଛୋଟ ବଡ଼ ପ୍ରସାଦ ଧ୍ୱଂସ ହୋଇସାରିଛି । ତା'ର ଅନତି ଦୂରରେ ଡାହାଣ ପାର୍ଶ୍ୱରେ ରହିଛି ଐତିହାସିକ ଗିରିବାମନ ପୀଠ । ଏହି ପୀଠ ନିକଟରେ ଅଧା କିମି ବିଶିଷ୍ଟ ବିରାଟ ପଥର ପାଚେରୀ ଦେଖିବାକୁ ମିଳେ । ବଡ଼ ବଡ଼ କଳାପଥରକୁ ଥାକଥାକ କରି ନିର୍ମାଣ ହୋଇଥିବା ପାଚେରୀ କୌଣସି ବଡ଼ ଦୁର୍ଗର ମୁଖ୍ୟ ଫାଟକ ଭଳି ଲାଗେ । ପ୍ରାୟ ୨.୫ ମିଟର ପାଚେରୀର ପୂର୍ବ ଦିଗରେ ଏକ ଫାଟକ ରହିଛି ।

## ଆକର୍ଷଣର କେନ୍ଦ୍ର ଗୋଧସ ଜଳପ୍ରପାତ

ପତୋରାରୁ ମାତ୍ର ଆଠ କିମି ଦୂରରେ ସୁନାବେଢ଼ାର ପାଦ ଦେଶରେ ରହିଛି ସୁଉଚ୍ଚ ଜଳପ୍ରପାତ ଗୋଧସ । ଏଠାରେ ଗାଧୋଇବା ସାଙ୍ଗକୁ ଶିବଙ୍କ ଦର୍ଶନ ସବୁ ଯାତ୍ରାକୁ ସାର୍ଥକ କରିଦିଏ । ବଣଭୋଜି କରିବା ପାଇଁ ଏଠାରେ ସମସ୍ତ ପ୍ରକାର ବ୍ୟବସ୍ଥା ରହିଛି । ପ୍ରତିଦିନ ଓଡ଼ିଶା ସମେତ ଛତିଶଗଡ଼ରୁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ । ବିଶେଷ କରି ଇଂରାଜୀ ନୂଆବର୍ଷ ସମୟରେ ଅଧିକ ଭିଡ଼ ଦେଖିବାକୁ ମିଳିଥାଏ ।



## ଅଭୟାରଣ୍ୟରେ ଧାର୍ମିକ ପୀଠ

ଉପତ୍ୟକାର ସୁନାବେଢ଼ାଠାରେ ସୁନାଦେଇ ମନ୍ଦିର, ଖୋଲିଗାଁ ନିକଟରେ ରାଣୀ ମୁହାଁସ ଗୁମ୍ଫା, ଗୋଧସ ଶିବ ମନ୍ଦିର, ପତୋରା ଯୋଗେଶ୍ୱର ଶିବ ମନ୍ଦିର ଭଳି ଅନେକ ଧାର୍ମିକ ସ୍ଥଳୀ ରହିଛି । ଉପତ୍ୟକାର ଆଦିମ ଜନଜାତି ଚକୋଟିଆ ଭୁଞ୍ଜିଆଙ୍କ ଆରାଧ ଦେବୀ ମାଁ ସୁନାଦେଇ ବେଶ୍ ଚର୍ଚ୍ଚିତ । ବିଶ୍ୱାସ ରହିଛି ମାଁଙ୍କ ଆଜ୍ଞା ବିନା ଏହି ଉପତ୍ୟକାରେ ଗଛର ପତ୍ର ବି ହଲେ ନାହିଁ । ସୁନାବେଢ଼ାସ୍ଥିତ ମନ୍ଦିରରେ ମାଁ ସୁନାଦେଇ ପୂଜା ପାଆନ୍ତି । ରାଣୀ ମୁହାଁସ ଗୁମ୍ଫାରେ ଅନେକ ଦେବଦେବୀ ପୂଜା ପାଉଥିବା ବେଳେ ଗୋଧସ, ପତୋରା ଯୋଗେଶ୍ୱର ମନ୍ଦିରରେ ମହାଦେବ ଶିବ ପୂଜିତ ହୁଅନ୍ତି । ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଐତିହ୍ୟ ବହନ କରୁଥିବା ପତୋରା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ୭୨ ଫୁଟ ଉଚ୍ଚତାର ପ୍ରସିଦ୍ଧ ଯୋଗେଶ୍ୱର ମନ୍ଦିର, ସୂକ୍ଷ୍ମ କାରୁକାର୍ଯ୍ୟ ସମ୍ପନ୍ନ ରାମ ମନ୍ଦିର, ୩୪ ଫୁଟ୍ ଉଚ୍ଚର ହନୁମାନ ମୂର୍ତ୍ତି, ୧୪ ଫୁଟର ଗଣେଶ ମୂର୍ତ୍ତି ମୁଖ୍ୟ ଆକର୍ଷଣ ହୋଇଥିବା ବେଳେ ମନୋରମ ରାଜୀବ ଉଦ୍ୟାନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ସମାଗମ ହେଉଥିବା ବେଳେ ଧୀରେ ଧୀରେ ରାଜ୍ୟ ତଥା ରାଜ୍ୟ ବାହାର ପର୍ଯ୍ୟଟକ ସଂଖ୍ୟା ବଢ଼ିବାରେ ଲାଗିଛି ।



## ମୁଖ୍ୟ ଆକର୍ଷଣ ୧୧ଟି ଜଳପ୍ରପାତ ଓ ୧୭ଟି ଝରଣା

ସୁନାବେଢ଼ା ଉପତ୍ୟକାରେ ରହିଛି ୧୧ଟି ଚିରସ୍ରୋତା ଓ ଖରସ୍ରୋତା ଜଳପ୍ରପାତ ଓ ୧୭ଟି ଛୋଟ ଝରଣା । ସେଥିରୁ ପ୍ରମୁଖ ଜଳପ୍ରପାତ ମଧ୍ୟରେ ଗୋଧସର ଉଚ୍ଚତା ୯୦ ଫୁଟ, ବେନିଆଧସ ୭୫ ଫୁଟ, ଖରଲଧସ ୧୫୦ ଫୁଟ୍ ରହିଛି । ବହୁ ଉଚ୍ଚତାରୁ ପାଣି ପଡୁଥିବାରୁ ପାଣି ଆକାଶରୁ ଝରି ପଡ଼ିଲା ଭଳି ଲାଗେ । ଜଳପ୍ରପାତର ତଳେ ଗାଧୋଇବା ମଜା ଟିକେ ନିଆରା । ମୁଣ୍ଡରେ ପାଣି ପଡ଼ିବାବେଳେ କୁହୁଡ଼ି ଭଳି ଲାଗେ । ଚନ୍ଦରସିଲ, ବିପ୍ରାଖୋଲ, ରାଣୀ ମୁହାଁସ, ଗିରିବାମନ, ମାକରଚୁଆଁ, ଚେରେଚୁଆଁ, ସାନ ଗୁମର, ବଡ଼ ଗୁମର, ଉପକାପାନି, କଦମ, ଆମ ଝରନ, ଅଡ଼ାର ଝରନ,ଚିଚିରା ଘାଟି ଭଳି ୧୭ଟି ଝରଣା ବୋହି ଯାଉଛି । ଏହି ସବୁ ଝରଣାରେ ବର୍ଷସାରା ପାଣି ଝରୁ ଥାଏ । ଏଥରୁ ଜୋଙ୍ଗ, ସୁନ୍ଦର ଓ ଇନ୍ଦ୍ର ନଦୀର ଉତ୍ପତ୍ତି ହୋଇଛି । ଜଳପ୍ରପାତ ଓ ଝରଣାର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ବାନ୍ଧି ରଖେ ।

## କେମିତି ଯିବେ

ଭୁବନେଶ୍ୱର କିମ୍ବା ଛତିଶଗଡ଼ର ରାଜଧାନୀ ରାୟପୁରରୁ ନୂଆପଡ଼ାକୁ ବସ୍ ଓ ଟ୍ରେନର ସୁବିଧା ରହିଛି । ନୂଆପଡ଼ାରୁ ସୁନାବେଢ଼ାର ଦୂରତାର ୭୦ କିମି ଓ କୋମନାରୁ ୪୦ କିମି ଦୂର । ପ୍ରତିଦିନ ଏହି ଅଞ୍ଚଳକୁ ବସ୍‌ରେ ଯାତାୟାତର ସୁବିଧା ରହିଛି । ସୁନାବେଢ଼ା ଓ ପତୋରାରେ ରହିବା ପାଇଁ ବିଶ୍ରାମ ସ୍ଥଳୀ ଓ ଖାଇବା ପାଇଁ ହୋଟେଲର ବ୍ୟବସ୍ଥା ରହିଛି ।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଦେବଦର୍ହା



ବରଗଡ଼ ଜିଲ୍ଲାରେ ରହିଛି ଅନେକ ମନୋରମ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ । କେଉଁଠି ପାହାଡ଼ ଉପରୁ କୁଳୁ କୁଳୁ ନାଦରେ ଝରି ଆସୁଛି ଝରଣା । ପୁଣି କେଉଁଠି ପ୍ରାକୃତିକ ପରିବେଶ ମଧ୍ୟରେ ରହିଛି ଆଧ୍ୟାତ୍ମିକ ପୀଠ । ଭକ୍ତମାନେ କେଉଁଠି ଟାଣି ହୋଇଯାଆନ୍ତି ଭକ୍ତିଭାବରେ, ପୁଣି କାହାକୁ ଆକର୍ଷିତ କରେ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟ । ଏଭଳି ଏକ ମନୋରମ ପ୍ରାକୃତିକ ଓ ଆଧ୍ୟାତ୍ମିକ ପୀଠ ହେଉଛି ଦେବଦର୍ହା । ଭଗବାନ ଶିବଙ୍କୁ ପୂଜା କରିବା ସହିତ ପ୍ରାକୃତିକ ପରିବେଶରେ କିଛି କ୍ଷଣ ହଜି ଯିବା ପାଇଁ ପର୍ଯ୍ୟଟକ ଓ ଭକ୍ତମାନେ ଧାଇଁ ଆସିଥାନ୍ତି ଦେବଦର୍ହାକୁ ।

**ସରୋଜ କୁମାର ଷଡ଼ଙ୍ଗୀ, ବରଗଡ଼**



## ପ୍ରକୃତି କୋଳରେ ପୂଜା ପାଉଛନ୍ତି ଧବଳେଶ୍ୱର ବାବା

ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡର ଲଖମରା ଚର୍ଦାପାଲି ଉପାନ୍ତ ଅଞ୍ଚଳରେ ରହିଛି ପର୍ଯ୍ୟଟନ ପୀଠ ଦେବଦର୍ହା । ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ପର୍ଯ୍ୟଟନ ପୀଠ । ଏଠାକାର ମନୋରମ ପ୍ରାକୃତିକ ପରିବେଶରେ ମୋହିତ ହୋଇ ପ୍ରତିବର୍ଷ ବହୁ ସଂଖ୍ୟକ ପର୍ଯ୍ୟଟକ ଆସିଥାନ୍ତି । ଦେବଦର୍ହାର ସୌନ୍ଦର୍ଯ୍ୟମୟ ପ୍ରାକୃତିକ ପରିବେଶ ମଧ୍ୟରେ ରହିଛି ଏକ ସୁଦୃଶ୍ୟ ଶିବ ମନ୍ଦିର । ଏହି ମନ୍ଦିରରେ ପୂଜା ପାଉଛନ୍ତି ଧବଳେଶ୍ୱର ବାବା । ବାବା ଧବଳେଶ୍ୱରଙ୍କୁ ପୂଜାର୍ଚ୍ଚନା ପାଇଁ ଭକ୍ତମାନେ ଧାଇଁ ଆସନ୍ତି ଏହି ପବିତ୍ର ପୀଠକୁ । ରାଜାରାଜୁଡ଼ା ଅମଳର ପୁରୁଣା ଧବଳେଶ୍ୱର ବାବା ଶୈବପୀଠ । ଏହି ମନ୍ଦିର ନିର୍ମାଣକୁ ନେଇ ରହିଛି ଏକ କିମ୍ବଦନ୍ତୀ । ଏକଦା ପଦ୍ମପୁର ଜମିଦାରଙ୍କୁ ସ୍ୱପ୍ନାଦେଶ ହୋଇଥିଲା ବିଭିନ୍ନ ଦେବଦେବୀଙ୍କ ସମେତ ସାତଭଉଣୀ ସ୍ୱପ୍ନାଦେଶ ଦେଇଥିଲେ । ଜମିଦାର ସେଠାରେ ଶୈବ ମନ୍ଦିର ନିର୍ମାଣ କରିବା ସହ ବିଭିନ୍ନ ଦେବଦେବୀଙ୍କୁ ନିମନ୍ତ୍ରଣ କରି ରାଜବାଟୀଠାରେ ଖଣ୍ଡାରୂପେ ସ୍ଥାପିତ କରି ପୂଜାର୍ଚ୍ଚନା କରୁଛନ୍ତି । ଏବେ ଶୈବପୀଠ ଏଠାରେ ରହିଛି । ତେବେ ପଦ୍ମପୁର ଜମିଦାରଙ୍କ ଦ୍ୱାରା ତିଆରି ଶୈବପୀଠ ଆଜି ଅଲୋଡ଼ା ହୋଇ ପଡ଼ିଛି । ତଥାପି ଶ୍ରାବଣ ମାସ ସୋମବାର, ଶିବରାତ୍ରି ସମୟରେ ଏଠାରେ ଭକ୍ତମାନଙ୍କ ଭିଡ଼ ଲାଗିଥାଏ । ସେହିପରି ଛତିଶଗଡ଼ ସାକରା ସଲଡ଼ିହି ଅଞ୍ଚଳରୁ ବାହାରିଥିବା ସୁରଙ୍ଗୀ ନଦୀର ସ୍ଥଳୀ, ଝାଞ୍ଜି ପାହାଡ଼ ସମେତ ସାତ ଭଉଣୀ ଦେବୀ ଓ ଅନ୍ୟ ଦେବଦେବୀ ପୂଜା ପାଉଥିବାରୁ ଏହି ଅଞ୍ଚଳର ଖ୍ୟାତି ରହିଛି ।



## ପିକ୍‌ନିକ୍ ପାଇଁ ଭିଡ଼

ଅପୂର୍ବ ପ୍ରାକୃତିକ ଶୋଭା ମଧ୍ୟରେ ରହିଛି ଦେବଦର୍ହା ପର୍ଯ୍ୟଟନ ପୀଠ । ନିକଟରେ କୁଳୁ କୁଳୁ ହୋଇ ବୋହି ଯାଉଥିବା ସୁରଙ୍ଗୀ ନଦୀ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ଶୀତ ଋତୁରେ ଏଠାରେ ବଣଭୋଜି କରିବାର ମଜା ନିଆରା । ପ୍ରତିବର୍ଷ ସ୍କୁଲ, କଲେଜ ଛାତ୍ରଛାତ୍ରୀ ତଥା ସାଧାରଣଜନତା ଏଠାକୁ ପିକ୍‌ନିକ୍ କରିବା ପାଇଁ ଆସିଥାଆନ୍ତି । ଗୋଟିଏ ପଟେ ଦେବଦର୍ହାର ପ୍ରାକୃତିକ ପରିବେଶ, ଅନ୍ୟପଟେ ବାବା ଧବଳେଶ୍ୱରଙ୍କ ପ୍ରତି ଭକ୍ତି ଭାବନା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କୁ ଏଠାକୁ ଟାଣି ଆଣେ ।

ଦେବଦର୍ହା ପୀଠକୁ ଗମନାଗମନର ସୁବିଧା, ବିଦ୍ୟୁତ ସଂଯୋଗୀକରଣ ସମେତ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହାର ବିକାଶ କରାଯିବାର ଆବଶ୍ୟକତା ରହିଛି । ଏହି ପର୍ଯ୍ୟଟନ ପୀଠର ବିକାଶ କରାଗଲେ ଓଡ଼ିଶା ସମେତ ପଡ଼ୋଶୀ ଛତିଶଗଡ଼ର ପର୍ଯ୍ୟଟକଙ୍କ ସମାଗମ ଆହୁରି ବୃଦ୍ଧି ପାଆନ୍ତା । ■




## ସୁରଙ୍ଗୀ ଜଳପ୍ରପାତ

ଦେବଦର୍ହାର ଧବଳେଶ୍ୱର ବାବା ଶୈବପୀଠ ନିକଟରେ ରହିଛି ସୁରଙ୍ଗୀ ଜଳପ୍ରପାତ । ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଆସୁଥିବା ଭକ୍ତମାନେ ସୁରଙ୍ଗୀ ଜଳପ୍ରପାତର ମଜା ନେବାକୁ ଭୁଲି ନଥାନ୍ତି । ଶୈବପୀଠର ଅନତି ଦୂରରେ ରହିଛି ସୁରଙ୍ଗୀ ଜଳପ୍ରପାତ ଓ ବଡ଼ ଗଣ୍ଡ । ସ୍ଥାନୀୟ ଅଞ୍ଚଳରେ ବଡ଼ଗଣ୍ଡକୁ ଦର୍ହା କୁହାଯାଏ । ତେଣୁ ଏହି ପୀଠର ନାମକରଣ ଦେବତାଙ୍କ ଦର୍ହା ବା ଗଣ୍ଡ ଭାବରେ ଦେବଦର୍ହା ନାମକରଣ ହୋଇଛି । ଏହି ଦେବଦର୍ହା ପର୍ଯ୍ୟଟନ ସ୍ଥଳୀରେ ଶୈବପୀଠ ହିଁ ମୁଖ୍ୟ ପୀଠ ଓ ଭୈରୋନାଥ ଏଠାରେ କୁକୁର ରୂପରେ ପୂଜା ପାଉଛନ୍ତି ।



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ଆଖଡ଼ାରେ ମୁଆଁ ପେଡି

ଦୀର୍ଘ ଦେଢ଼ ବର୍ଷ ଧୈର୍ଯ୍ୟଧରି ବସିଥିବା ପଦୁଅଁ ନେତାଙ୍କୁ ମିଳିବ ନିଗମ ମୁଆଁ । ମୁଆଁ ଭର୍ତ୍ତି ପେଡ଼ି ଆଖଡ଼ାରେ ପହଞ୍ଚି ସାରିଲାଣି, ଖାଲି ଶୁଭ ମୁହୂର୍ତ୍ତକୁ ଅପେକ୍ଷା । ସଂକ୍ରାନ୍ତି ଉତ୍ତାରୁ ରାମମନ୍ଦିର ଆଖଡ଼ା ମୁଖିଆ ମନମୋହନ ପେଡି ଖୋଲିବେ ବୋଲି ଶୁଣିବାକୁ ବି ମିଳିଲାଣି । ଅଳେଇଚ, ନଡ଼ିଆ, ଜୁଆଣି ପାଗ ସାଙ୍ଗକୁ ରୁପା ଚାଦର ମଡ଼ାଇ ମୋହନ ମୁଆଁ ପେଡ଼ିକୁ ଆଖଡ଼ାକୁ ପଠାଇ ଦେଇଛନ୍ତି । କାହାକୁ ମୁଆଁ ମିଳିବ ତାହାର ତାଲିକା ବି ସରିଛି । ଖାଲି ଦଳର ଦୁଇଜଣ ପୂର୍ବ ସଭାପତି, ଏବର ଜଣେ ଉପସଭାପତିଙ୍କୁ କେଉଁ ମୁଆଁ ଦିଆଯିବ ତାହା କୁଆଡ଼େ ସ୍ଥିର ହୋଇ ପାରୁନାହିଁ । ଦଳର ଏହି ତିନି ଓଜନିଆ ନେତାଙ୍କୁ ବଡ଼ ମୁଆଁ ମିଳିବ ବୋଲି ଆଶ୍ୱାସନା ତ ମିଳିଛି; କିନ୍ତୁ ସେମାନେ ଆଶା କରିଥିବା ମୁଆଁଗୁଡ଼ିକ ସତରେ ମିଳିବ କି ନାହିଁ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ । ନବଗଠିତ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଓ ଉତ୍ତର ଓଡ଼ିଶା ବିକାଶ ପରିଷଦ ପଦ ପାଇଁ ଦୁଇଜଣ ନେତାଙ୍କ ନାମ ଆପାତତଃ ଚୂଡ଼ାନ୍ତ ହୋଇଛି । ଦୁଇଟା ମୁଆଁ ଉପରେ ମହିଳା ମୋର୍ଚ୍ଚା ଓ ଯୁବ ମୋର୍ଚ୍ଚା ମୁଖିଆଙ୍କ ନାମ ଲେଖା ହୋଇ ଅଲଗା ରଖାଯାଇଛି । ପର୍ଯ୍ୟଟନ ନିଗମ, ଉଠା ଜଳସେଚନ ନିଗମ, ଚଳଚ୍ଚିତ୍ର ନିଗମ ବି ପ୍ରାୟ ଫାଇନାଲ । ମାତ୍ର କ୍ୟାବିନେଟ ମନ୍ତ୍ରୀ ପାହ୍ୟାର ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦ ଓ ଗୁରୁତ୍ୱପୂର୍ଣ୍ଣ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପଦ ପାଇଁ ନାମ ଚୂଡ଼ାନ୍ତ ହୋଇପାରୁ ନାହିଁ । ତଥାପି ମନ ମୋହନ ନୂଆ ବର୍ଷରେ ଦଳକୁ ନୂଆ ରୂପ ଦେବାକୁ ଅଣ୍ଟାକୁ ଆଣ୍ଟ କରି ବସିଛନ୍ତି । ଆଗକୁ ଦଳର ଜାତୀୟ ସଭାପତି ନିର୍ବାଚନ ହେବ, ତେଣୁ ଏବେଠୁ ରାସ୍ତା ସଫା କରିବାକୁ ପଡ଼ିବ ନା... । ■




## ହାତ ମଠରେ ଯୁଦ୍ଧ ଭେରୀ

ନୂଆପଡ଼ା ଉପନିର୍ବାଚନ ପରେ ମହାରଥୀ ନରସିଂହ ଅଭିମାନର ଶଙ୍ଖନାଦ ହାତ ପାର୍ଟିରେ କମ୍ପନ ସୃଷ୍ଟି କରିଥିଲା । ମାତ୍ର ଏବେ ମଠ ମହନ୍ତ ଭକ୍ତଚରଣଙ୍କ ବିରୋଧରେ ମୋକିମ୍ ପ୍ରୟୋଗ କରିଥିବା ଶବ୍ଦାସ୍ତ୍ର ହାତ ପାର୍ଟିର ରଥୀ ଓ ମହାରଥୀଙ୍କୁ ଚମକାଇ ଦେଇଛି । ପୁରୁଖା ମୋକିମ୍ ଦିଲ୍ଲୀ ପେଶିଥିବା କଟକୀ ବାଣର ପ୍ରଚଣ୍ଡ ଶବ୍ଦ ପ୍ରଭାବରେ ଏବେ ମାଷ୍ଟରକ୍ୟାଣ୍ଟିନ ହାତ ମଠ ଖାଲି ଉଠୁଛି ପଡୁଛି । ଏପରିକି ଏହି ବାଣର ଶବ୍ଦ ଦିଲ୍ଲୀରେ ପ୍ରତିଧ୍ୱନିତ ହେଲାଣି ବୋଲି ବି କେହି କେହି କହୁଛନ୍ତି । ଏ କଥା ସତ୍ୟ ଯେ ଓଡ଼ିଶାରେ ହାତ ଦଳର ଅନେକ ବଡ଼ ନେତା ଭକ୍ତଙ୍କୁ ବିରୋଧ କରୁଛନ୍ତି । ସେ ଯେପରି ଢ଼ଙ୍ଗରେ ଦଳକୁ ପରିଚାଳନା କରୁଛନ୍ତି, ତାହାକୁ ଅନେକ ବରିଷ୍ଠ ନେତା ଗ୍ରହଣ କରିପାରୁ ନାହାନ୍ତି । ମାତ୍ର ମୋକିମ୍ ତାଙ୍କ ଚିଠିରେ ଜାତୀୟ ନେତୃତ୍ୱ ଓ ଏଆଇସିସି ସଭାପତିଙ୍କ ପରିଣତ ବୟସକୁ ନେଇ ଯେପରି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ତାହା ସେମାନଙ୍କ ପାଇଁ ଗ୍ରହଣୀୟ ହୋଇ ପାରୁନାହିଁ । ଅତୀତରେ ହାତ ଦଳ ଓଡ଼ିଶାରେ ଅନେକ ସୁଯୋଗ ହରାଇଛି, ବର୍ତ୍ତମାନ ସମୟରେ ଦଳ ନିକଟରେ ଅନେକ ସୁଯୋଗ ଥିଲେ ବି ତାହାର ଉପଯୁକ୍ତ ଉପଯୋଗ ହୋଇ ପାରୁ ନ ଥିବା ସମସ୍ତେ ମନେ କରୁଛନ୍ତି । ମାତ୍ର ସଫଳତାର ପଥରୋଧ କରିଥିବା ଅଭିମାନ, ଅହଂକାର ଓ ପାରସ୍ପରିକ ଅସୂୟାକୁ କେହି ଛାଡ଼ି ପାରୁ ନାହାନ୍ତି । ସାରା ଦେଶରେ ହାତ ପାର୍ଟି ଯେଉଁ ଅବସ୍ଥା ଦେଇ ଗତି କରୁଛି, ଓଡ଼ିଶା ବି ସେଥିରୁ ବାଦ ପଡ଼ିନାହିଁ । ତେଣୁ ମାଷ୍ଟରକ୍ୟାଣ୍ଟିନ ହାତ ମଠରେ ସୃଷ୍ଟି କରିଥିବା ଭୂକମ୍ପ ଜନିତ ସୁନାମୀର ପ୍ରଭାବ କ'ଣ ତାହା ଉପରେ ଏବେ ସମସ୍ତଙ୍କର ଆଖି । ■



## ବଣେଇଁ ବୀରଙ୍କ ବାଲ୍ୟଲୀଳା

ସ୍ୱାଧୀନତା ପରେ ଓଡ଼ିଶାରେ ବାମପନ୍ଥୀ ଦଳଗୁଡ଼ିକ ବେଶ ପ୍ରଭାବୀ ପ୍ରଦର୍ଶନ କରି ଆସୁଥିଲେ । ସତୁରୀ ଦଶକ ମଧ୍ୟରେ ଚାରି ପାଞ୍ଚଟି ବିଧାନସଭା ନିର୍ବାଚନରେ ବାମଦଳଗୁଡ଼ିକ ପ୍ରତି ନିର୍ବାଚନରେ ବିଧାନସଭାରେ ନିଜ ଉପସ୍ଥିତି ସାବ୍ୟସ୍ତ କରୁଥିଲେ । ନବେ ମସିହାରେ ବିଧାନସଭାରେ ପାଞ୍ଚଟି ଆସନ ଦଖଲ କରିବା ବାମଦଳଗୁଡ଼ିକ ପାଇଁ ଥିଲା ଶେଷ ବଡ଼ ସଫଳତା । ଇତିମଧ୍ୟରେ ରାଜ୍ୟରେ ବାମଦଳର ସବୁ ଦୁର୍ଗର ପତନ ଘଟିଥିଲେ ହେଁ କେବଳ ବଣେଇଁ ଅଞ୍ଚଳରେ ସିପିଏମ୍ ନିଜର ପତିଆରା ବଞ୍ଚାଇ ରଖିଛି । ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବଣେଇଁରୁ ତାରା ମାର୍କା ଦାଆ ହାତୁଡ଼ି ଧରି ବାବୁ ଲକ୍ଷ୍ମଣ ବିଧାନସଭାରେ ହ୍ୟାଟ୍ରିକ କରିଛନ୍ତି । ମାତ୍ର ସ୍ୱଭାବତଃ ଶାନ୍ତ ଓ ସରଳ ଲକ୍ଷ୍ମଣ ନିକଟରେ ଏକ ଯାତ୍ରା ମଞ୍ଚରେ ପ୍ରଦର୍ଶନ କରିଥିବା ବାଲ୍ୟ ଚପଳତା ଏବେ ସୋସିଆଲ ମିଡ଼ିଆରେ ଭାରି ଭାଇରାଲ । ଅତୀତରେ ଅନେକ ଲୋକପ୍ରତିନିଧି ଓ ମନ୍ତ୍ରୀ ବିଭିନ୍ନ ମଞ୍ଚରେ ନୃତ୍ୟ କରିଥିବା ଦୃଶ୍ୟ ନୂଆ ନୁହେଁ । କୋରାପୁଟିଆ ହାତ ନେତାଙ୍କଠାରୁ ଆରମ୍ଭ କରି ନୂଆପଡ଼ାରେ ଜଣେ ପୂର୍ବତନ ମନ୍ତ୍ରୀ, ପାରାଦୀପରେ କିଛିବର୍ଷ ତଳେ ତତ୍‌କାଳୀନ ବିଧାୟକ, କିଛିମାସ ତଳେ ଏବର ସରକାରର ଦୁଇଜଣ ମନ୍ତ୍ରୀ ସମ୍ବଲପୁରରେ ଗୋଟିଏ ମଞ୍ଚରେ କରିଥିବା ନୃତ୍ୟ ଦର୍ଶକଙ୍କୁ ଆମୋଦିତ କରିଛି । ମାତ୍ର ଯାତ୍ରା ମଞ୍ଚରେ ରେକର୍ଡ ଡ଼ାନ୍ସ କରୁଥିବା ଜଣେ ଚର୍ଚ୍ଚିତ ନର୍ତ୍ତକୀଙ୍କ ସହ ସହ ଲକ୍ଷ୍ମଣଙ୍କ ନୃତ୍ୟ ଓ ଟଙ୍କା ଉଡ଼ାଇବାର ଦୃଶ୍ୟକୁ ନେଇ ଉଠିଛି ଆପତ୍ତି । ବାମପନ୍ଥୀ ନେତାମାନେ ସ୍ୱାଭାବତଃ କଠୋର ଓ ରୁଢ଼ିବାଦୀ ବୋଲି କୁହାଯାଏ । ସେଥିପାଇଁ ତାଙ୍କ ଦଳର ବରିଷ୍ଠ ନେତା ଓ ମାର୍ଗଦର୍ଶକମାନେ ଲକ୍ଷ୍ମଣଙ୍କ ବାଲ୍ୟଲୀଳାକୁ କୁଆଡ଼େ ଗ୍ରହଣ କରିପାରୁ ନାହାନ୍ତି । ■



## ଏତେ ସପନକୁ ରାତି କାହିଁ

ଟଙ୍କଧର ପଦୁଅଁ ଦଳର ଯୁବନେତା । ଢ଼େର ଦିନ ଦଳର ଛାମୁଆଁ ସଙ୍ଗଠନ ଯୁବମୋର୍ଚ୍ଚାର ମୁଖିଆ ଭାବରେ ନିଜର ପତିଆରା ବି ବଢ଼ାଇଛନ୍ତି, ଜଣେ ପ୍ରତିଭାଧର ବକ୍ତା ଭାବରେ ସେ ତାଙ୍କ ପ୍ରତିପକ୍ଷକୁ ଭଲ କଟାକ୍ଷ କରିପାରନ୍ତି । ମାତ୍ର ରାଜ୍ୟରେ ଶାସନ ନେଇ ଟଙ୍କଧର କହିଥିବା ପଚାଶ ବର୍ଷିଆ କୋଳିଗଛ କଥାକୁ ଅନ୍ୟମାନେ ତ ଦୂରର କଥା; ତାଙ୍କ ନିଜ ଦଳର ଲୋକ ବି ବିଶ୍ୱାସ କରୁନାହାନ୍ତି । କୋଳି ଗଛଗୁଡ଼ିକ ମଧ୍ୟରୁ ସାଧାରଣତଃ ହନିବେରୀ ଓ ବ୍ଲାକ ବେରୀ ଗଛଗୁଡ଼ିକର ଆୟୁଷ ସର୍ବାଧିକ । ଏହି ଗଛଗୁଡ଼ିକ ପ୍ରାୟ ଚାଳିଶି ବର୍ଷ ବଞ୍ଚେ, ବ୍ଲୁ-ବେରୀ ଗଛଗୁଡ଼ିକର ଜୀବନ କାଳ ପ୍ରାୟ ପଚାଶ ବର୍ଷ । ମାତ୍ର ଆଜିକାଲି ବଦଳୁଥିବା ପାଣିପାଗ ଓ ଭାରତୀୟ ଜଳବାୟୁରେ କୋଳିଗଛ ପଚାଶ ବର୍ଷ ବଞ୍ଚିବା ତ ଦୂରର କଥା, ପାଞ୍ଚ ବର୍ଷ ବି ବଞ୍ଚୁନାହିଁ । ଏମିତି ସମୟରେ ଝାରସୁଗୁଡ଼ାର ପଥୁରିଆ କଳା ନିଗିଡ଼ା ମାଟିରେ ଟଙ୍କଧରଙ୍କ କୋଳିଗଛ ଯେ ପଚାଶ ବର୍ଷ ବଞ୍ଚିବ, ଏଥିରେ କେହି ସହମତ ହୋଇ ପାରୁନାହାନ୍ତି । ଗଲା ବିଧାନସଭା ନିର୍ବାଚନରେ ଝାରସୁଗୁଡ଼ାରୁ ନବ ତନୟା ଦୀପାଳିଙ୍କ ବିଜୟ ଅବଧାରିତ ଥିବା ଅନେକ କହୁଥିଲେ, ହେଲେ ଶେଷରେ ଟଙ୍କଧର ବିଜୟୀ ହେଲେ । ତାଙ୍କ ବିଜୟର ବ୍ୟବଧାନ ଥିଲା ପ୍ରାୟ ହଜାରେରୁ କିଛି ଅଧିକ । ମାତ୍ର ଗଲା ଦେଢ଼ ବର୍ଷ ମଧ୍ୟରେ ଦିପାଳୀ ଓ ତାଙ୍କ ଯୁବ ବାହିନୀ ଝାରସୁଗୁଡ଼ାରେ ଶକ୍ତି ସଞ୍ଚୟ କରି ପ୍ରତିପକ୍ଷ ଗୋଷ୍ଠୀକୁ ପ୍ରତିଘାତ ପାଇଁ ନିଜକୁ ପ୍ରସ୍ତୁତି ଚଳାଇଛନ୍ତି, ସେଥିରେ ଟଙ୍କ ଅନୁଗତଙ୍କ ଅବସ୍ଥା କହିଲେ ନ ସରେ । ଏପରି ଅବସ୍ଥାରେ ଉତ୍ତର ଚାଳିଶିର ଯୁବନେତା ଟଙ୍କଧର ଆଗାମୀ ପଚାଶ ବର୍ଷ ପାଇଁ ଦେଖୁଥିବା ସ୍ୱପ୍ନ ପାଇଁ ରାତି କାହିଁ ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।